## ସଂକ୍ଷେପରେ

### ପିଠାପଣା କରି ଛାତ୍ରୀ ପାଳିଲେ ନୂଆଖାଇ



ଡାବୁଗାଁ, ୧୫।୯ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂଆଖାଇ ପର୍ବ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଛାତ୍ରୀ ମାନେ ବିଭିନ୍ନ ପ୍ରକାର ପିଠାପଣା ତିଆରି କରିଥିଲେ | ସନ୍ଧ୍ୟାରେ ଛାତ୍ରୀମାନେ ନାଚଗୀତ କରି ନୂଆଖାଇ ପାଳନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, କର୍ମଚାରୀମାନେ ସାମିଲ ହୋଇ ପର୍ବ ପାଳନ କରିଥିଲେ। ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ନୂଆଖାଇ ପର୍ବ ପାଳନ ପାଇଁ ସମସ୍ତ ପ୍ରକାର ସାମଗ୍ରୀ ଯୋଗାଇବା ସହ ଛାତ୍ରୀମାନଙ୍କ ପାଇଁ ସମସ୍ତ ଆୟୋଜନ କରିଥିଲେ ।

### ଆଜି ଜିଲା ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ

କୋରାପୁଟ,୧୫।୯(ସ୍ୱ.ପ୍ର.)

କୋରାପୁଟ ଜିଲା ବିଜେଡି ଦଳ ରବିବାର ନିର୍ବାଚନ ପ୍ରସ୍ତୁତି ପାଇଁ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଦଳକୁ ଏକଜୁଟ କରି ଜିଲାର ସମସ୍ତ ୫ଟି ବିଧାନସଭା ଆସନ ଦଖଲ କରିବା ନୂତନ ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ପାଇଁ ଏକ ଆହ୍ୱାନ ହେବ ନିଶ୍ଚୟ। ଜିଲା ଦାୟିତ୍ୱ ନେବା ପରେ ରବିବାରର ବୈଠକ ଈଶ୍ୱର ପାଣିଗ୍ରାହୀଙ୍କ ପାଇଁ ପ୍ରଥମ ଦଳୀୟ ଆଲୋଚନା ବୈଠକ ହେବ। ଏଥିରେ ଜିଲା ପ୍ରଭାରୀ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇପାରନ୍ତି। ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରାଯାଇ ନଥିବାବେଳେ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ସଂପର୍କୀୟ ଅଭିଯାନ ଆରମ୍ଭ ହୋଇଯାଇଛି । କୋରାପୁଟ ଜିଲାର ୧୧୪୧ଟି ବୁଥସ୍ତରରେ ଦଳୀୟ ନେତା କର୍ମୀଙ୍କୁ ଦାୟିତ୍ୱ ସହ ଦଳକୁ ଏକଜୁଟ କରିବା ଓ ନିକଟରେ ବିଜେଡିରୁ ବହିଷ୍କାର ହୋଇଥିବା ବରିଷ୍ଠ ନେତା ଦାମୋଦର ରାଉତଙ୍କ ପ୍ରଭାବ ବିଷୟରେ ଏହି ବୈଠକରେ ଆଲୋଚନା ହୋଇପାରେ। ତେଣୁ ରବିବାର ବୈଠକରେ ବିଜେଡିର ଜିଲା ସାଙ୍ଗଠନିକ ସ୍ଥିତି ବାବଦରେ ଆଲୋଚନା ହେବ। ବର୍ତ୍ତମାନ ଜିଲାର ୫ଟି ବିଧାନସଭା ଆସନରୁ କଂଗ୍ରେସ ୪ଟି ଆସନ ଦଖଲ କରି ଦଳର ସ୍ଥିତି ମଜଭୁତ ରଖିଥିବା ବେଳେ ଦଳରେ ଗୋଷ୍ଠୀ କନ୍ଦଳ ଦଳ ପାଇଁ କାଳ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ମତପ୍ରକାଶ ପାଇଛି । ସେହିପରି ଗୋଟିଏ ବିଧାନସଭା ଦଖଲ କରିଥିବା ବିଜେଡି ଦଳ ଆସନ୍ତା ନିର୍ବାଚନରେ ସିଟ ପାଇଁ ଦଳରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଉପଯୁକ୍ତ ପ୍ରାର୍ଥୀ ଚୟନ କରାନଗଲେ ଏହି ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିଦ୍ରୋହ ପ୍ରକାଶ ପାଇବା ନିଶ୍ଚିତ ହୋଇଥିବା ବେଳେ ଦଳ ପାଇଁ ଏହା ବୁମେରାଂ ହେବ ବୋଲି ଜଣାଯାଇଛି ।

### ଇନ୍ଦ୍ରାବତୀ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ



**ତେନ୍ତୁଳିଖୁଣ୍ଟି,୧୫।୯(ଡି.ଏନ.ଏ)–** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ପଞ୍ଚାୟତ ଖାତିଗୁଡାସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଇନ୍ଦ୍ରାବତୀ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦେବକୀ ନାୟକ ଯୋଗ ଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ଉଦଘାଟନି ଦିବସରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୂଜାରିଗୁଡା ଓ ତେନ୍ତୁଳିଖୁଣ୍ଟି ମଧ୍ୟରେ ହୋଇଥିବା ମ୍ୟାଚ ୨–୧ ଗୋଲରେ, ନୂଆଗୁଡା ଓ କାମତା ମଧ୍ୟରେ ୨–୧, ଚିତ୍ରକୋଟ ଓ ମାଝିଗୁଡା ମଧ୍ୟରେ ହୋଇଥିବା ମ୍ୟାଚ ୪–୨ ଗୋଲ ହୋଇଥିଲା। ଅନ୍ତିମ ଲିଗ ମ୍ୟାଚ ଖାତିଗୁଡା ଓ ଗାଦୁଆଗୁଡା ମଧ୍ୟରେ ହୋଇଥିବା ମ୍ୟାଚ ୩–୦ ଗୋଲରେ ଶେଷ ହୋଇଥିଲା। ମ୍ୟାଚ ରେଫରୀ ଭାବେ ଜୟ ଦାସ କର୍କରା, ପ୍ରବୀଣ ଟାକ୍ରି ଦାୟିତ୍ୱ ତୁଲାଇଥିଲେ। ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ପୂର୍ବତନ ସମିତି ସଭ୍ୟ ସୁଧୀର ଖୁରା, ପୂର୍ବତନ ସରପଞ୍ଚ ବିଶ୍ୱନାଥ ସିଂ, ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଜଗଦୀଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଅଣ୍ଟିଆ ପୁସ୍ତକରେ ଚାଲିଛି ପିଲାଙ୍କ ପାଠପଢା

ନବରଙ୍ଗପୁର,୧୫।୯(ବି.ପ୍ର.)

ଆଉ କିଛି ମାସ ପରେ ମାଟ୍ରିକ ପରୀକ୍ଷା ହେବ । ନବରଙ୍ଗପୁର ଜିଲାରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଖରେ ଏଯାଏ ପାଠ୍ୟ ପୁସ୍ତକ ପହଞ୍ଚିପାରି ନାହିଁ । ଯେତିକି ପୁସ୍ତକ ପହଞ୍ଚିଛି ତାହା ପିଲାଙ୍କ ସଂଖ୍ୟା ତୁଳନାରେ କମ। ଏପରିକି ଗୋଟିଏ ବିଷୟର ପୁସ୍ତକ ଅଧିକ ଆସିଥିବା ବେଳେ ଅନ୍ୟ ବିଷୟର ପୁସ୍ତକ କମ ଆସିଥିବାରୁ ପିଲାମାନେ ସମ୍ପୂର୍ଣ୍ଣ ପୁସ୍ତକ ସେଟ ପାଇ ପାରୁ ନାହାନ୍ତି। ପିଲାମାନେ ବାଧ୍ୟ ହୋଇ ପୁସ୍ତକକୁ ଜେରକ୍ସ କରି କିମ୍ବା ପୁରଣା ଚିରାଫଟା ବହି ସଂଗ୍ରହ କରି ପଢୁଛନ୍ତି। ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଜେରକ୍ସ ସୁବିଧା ନ ଥିବାରୁ ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥଳେ ପିଲାମାନେ କିଭଳି ପାଠ ପଢିବେ ଓ ମାଟ୍ରିକ ପରୀକ୍ଷା ଦେଇ ପାସ କରିବେ ତାହା ଏକ ବଡ ପ୍ରଶ୍ନ ହୋଇ ରହିଛି । ଶିକ୍ଷା ଯୋଜନା ନାଁରେ କେବଳ ସରକାର ଅର୍ଥ ବ୍ୟୟ କରୁଛନ୍ତି, ଲକ୍ଷ୍ୟ ସାଧିତ ହେଉନାହିଁ। ସରକାରଙ୍କ ମାଗଣା ପାଠ୍ୟ ପୁସ୍ତକ ବ୍ୟବସ୍ଥା ଜିଲାରେ ଏକ ପ୍ରହସନ ପାଲଟିଛି। ନବରଙ୍ଗପୁର ଜିଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୧୮୬ ବିଦ୍ୟାଳୟ ରହିଛି । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ୯ମ ଓ ୧୦ମ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି । ଯାହାକି ୫୦ ପ୍ରତିଶତରୁ କମ ପୁସ୍ତକ । ପୁସ୍ତକଗୁଡିକ କେବଳ ସରକାରୀ ହାଇସ୍କୁଲ ଓ ବ୍ଲକ ଗ୍ରାଣ୍ଟ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ଯୋଗାଇ ଦିଆଯିବ । ଅନ୍ୟପକ୍ଷେ ଜିଲାରେ ସାଧାରଣ ବର୍ଗର ଛାତ୍ରୀଛାତ୍ରମାନେ ବାହାର ବଜାରରୁ ପୁସ୍ତକ ଗୁଡିକ କିଣି ପାଠ ପଢିବେ । ଜିଲାରେ ଦୋକାନମାନଙ୍କରେ ପୁସ୍ତକ ମିଳୁନାହିଁ । କମ ବହି ଆସିଥିବାରୁ ପିଲାଙ୍କ ପାଖରେ ପହଞ୍ଚିପାରିନାହିଁ। ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ପିଲାମାନେ ତ୍ରୈମାସିକ ପରୀକ୍ଷା ଦେବେ । ସେଥିପାଇଁ ନିକଟତମ ସହର ଓ ବ୍ଲକମାନଙ୍କୁ ଆସି କେତେକ ଅବିଭାବକ ବହି ଜେରେକ୍ସ କରି ପିଲାକୁ ପାଠ ପଢା ସୁବିଧା ଯୋଗାଉଛନ୍ତି । ଅନ୍ୟ ପକ୍ଷେ କେତେକ ପିଲା ଚିରାଫଟା ବହି ସଂଗ୍ରହ କରି ପାଠ ପଢୁଛନ୍ତି। ଗ୍ରାମାଞ୍ଚଳ ମାନଙ୍କରେ ବହିକୁ ଜେରେକ୍ସ କରି ପିଲାମାନେ ପାଠ ପଢିବେ ତାହା ମଧ୍ୟ ସୁବିଧା ଗାଁ ମାନଙ୍କରେ ନାହିଁ। ଫେବୃୟାରୀରେ ମାଟ୍ରିକ ପରୀକ୍ଷା। ପିଲା ଏଯାଏ ବହି ନପାଇବା ଲାଗି ପଢା ଯାଉଥିବା ପାଠ ଆବୃତ୍ତି କରି ପାରୁ ନାହାନ୍ତି । ପରୀକ୍ଷା ପାଇଁ ପିଲାଏ କିଭଳି ପ୍ରସ୍ତୁତ ହେବେ ତାହା ସମସ୍ତ ଅବିଭାବକ ଓ ଛାତ୍ରୀଛାତ୍ରଙ୍କୁ ଚିନ୍ତାରେ ପକାଇଛି। ନବମ ଶେଣୀରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ୮ ହଜାର ୨ଶହ ଛାତ୍ରୀଛାତ୍ର ଚଳିତ ବର୍ଷ ଅଧ୍ୟୟନ କରୁଛନ୍ତି । ସାହିତ୍ୟଧାରା ପୁସ୍ତକ ୭ ହଜାର ଖଣ୍ଡ , ମାଧ୍ୟମିକ ବ୍ୟାକରଣ ୨ ହଜାର, ହିନ୍ଦି ବ୍ୟାକରଣ ଓ ପ୍ରୟୋଗ ୩ ହଜାର ୨୫୫ ଖଣ୍ଡ, ଇଂଲିସ ୬ ହଜାର, ଇଂଲିସ ଗ୍ରାମାର ୭ ହଜାର, ହିନ୍ଦି ମଞ୍ଜରୀ ୩୨୫୫, ସଂସ୍କୃତ ବଲାରୀ ୨ହଜାର, ସଂସ୍କୃତ ବ୍ୟାକରଣ ୨ ହଜାର, ମାଧ୍ୟମିକ ବୀଜଗଣିତ ୫ ହଜାର, ଜ୍ୟାମିତି ୭ ହଜାର, ଭୌତିକ ବିଜ୍ଞାନ ୭ ହଜାର, ଇତିହାସ ଓ ରାଜନିତୀ ବିଜ୍ଞାନ ୨ ହଜାର ଯୋଗାଇ ଦିଆଯାଇଛି। ଭୂଗୋଳ ଓ ଅର୍ଥନିତୀ ପୁସ୍ତକ ଆଦୌ ଯୋଗାଣ ହୋଇ ନାହିଁ । ୧୦ମ ଶ୍ରେଣୀ ପାଇଁ ୧୯ଟି ପାଠ୍ୟକ୍ରମ ରହିଛି । ସମସ୍ତ ପାଠ୍ୟକ୍ରମର ୫ ହଜାର ଲେଖାଏଁ ପାଠ୍ୟ ପୁସ୍ତକ ଆସିଥିବା ବେଳେ ହିନ୍ଦି ସୌରଭ ଓ ମାଧ୍ୟମିକ ହିନ୍ଦି ବ୍ୟାକରଣ ୨ ହଜାର ଲେଖାଏ ପୁସ୍ତକ ଆସିଛି। ପୁସ୍ତକ ଗୁଡିକ ଠିକ ଭାବେ ସେଟ ହୋଇ ଆସନଥିବାରୁ ପିଲାମାନେ କିଛି ବିଷୟ ବହି ପାଉଛି ତ ଆଉ କିଛି ବିଷୟ ବହି ପାଇ ପାରୁ ନାହାନ୍ତି। ପୁସ୍ତକ ଯୋଗାଣ ହୋଇ ମଧ୍ୟ ଛାତ୍ରୀଛାତ୍ର କୌଣସି ଲାଭପ୍ରଦ ହୋଇ ପାରୁ ନାହାନ୍ତି । ଶିକ୍ଷା ବିଭାଗର ଅବହେଳା ଲାଗି ପିଲାମାନେ ପାଠ ପଢାରୁ ବଞ୍ଚିତ ହେଉଛନ୍ତି । ସରକାର ଏଥି ପ୍ରତି ଗୁରତ୍ୱ ଦେଇ ପୁସ୍ତକ ଯୋଗାଣ ସମସ୍ୟା ପ୍ରତି ସମାଧାନ କରିବାକୁ ଦାବୀ ହେଉଛି।



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଶିକ୍ଷକମାନେ ବହି ନେଉଛନ୍ତି।

**ପାଠ୍ୟ ପୁସ୍ତକ ଯୋଗାଣରେ ଅବ୍ୟବସ୍ଥା**

- ବହି ଜେରକ୍ସ କରି ଛାତ୍ରୀଛାତ୍ର ପାଠ ପଢୁଛନ୍ତି
- ପହଞ୍ଚିନି ନବମ ଶ୍ରେଣୀ ଭୂଗୋଳ ଓ ଅର୍ଥନୀତି ବହି
- ପିଲାଙ୍କ ତୁଳନାରେ କମ୍ ବହି ପହଞ୍ଚିଛି

# ଡ୍ୟାନ୍ସ,ଘୁମୁରା ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ଚନ୍ଦାହାଣ୍ଡି,୧୫।୯(ଡି.ଏନ.ଏ.)–

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ନୂଆଖାଇ ଉପଲକ୍ଷେ ବିଭିନ୍ନ ଗ୍ରାମରେ ଶୁକ୍ରବାର ରାତିରେ ଡ୍ୟାନ୍ସ ଏବଂ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ନାଇରଉଡି ଗ୍ରାମରେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ କଳାହାଣ୍ଡି ଏବଂ ନୂଆପଡା, ନବରଙ୍ଗପୁର ଜିଲାର ବିଭିନ୍ନ ଘୁମୁରା ଦଳ ଭାଗ ନେଇଥିଲେ । ଏହାକୁ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ସିନାପାଲି ଗ୍ରାମରେ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ସରପଞ୍ଚ ଲଛମନ ପୂଜାରୀ, ରମେଶ ପଣ୍ଡା, ଯୁବରାଜ ଜଗତ, ଭୁବନ ପୂଜାରୀ, ବଳରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ କଳାହାଣ୍ଡି ଏବଂ ନବରଙ୍ଗପୁରର ୧୫ଟି ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ସାମାଜିକ କର୍ମୀ ଯତିନ୍ଦ୍ର ନାୟକ ପରିଚାଳନା କରିଥିବାବେଳେ ବିଚାରକ ଭାବେ ନରୋତ୍ତମ ନାୟକ, ଗଜିନ୍ଦ୍ର ନାୟକ, ଦିବାକର ନାୟକ, ଯତିନ୍ଦ୍ର ନାୟକ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ବନିତା ବେଶ୍ରା, ଦ୍ୱିତୀୟ ସେମଲା ଡ୍ୟାନ୍ସ ଗ୍ରୁପ, ତୃତୀୟ ଦିବାନା ଡ୍ୟାନ୍ସ ଗ୍ରୁପ, ଚତୁର୍ଥ ଲଛିପୁର ଡ୍ୟାନ୍ସ ଗ୍ରୁପକୁ ପୁରସ୍କୃତ କରାଯାଇଥିଲା । ଗ୍ରାମବାସୀ ବକ୍ତୃ ନାୟକ, ଗଜ ନାୟକ, କ୍ଷୀରସିନ୍ଧୁ ନାୟକ, ହେମନ୍ତ ନାୟକ, ଗିରିଧାରୀ ନାୟକ, ହେମନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

### ୨୧ରେ ଡାବୁଗାଁ ବନ୍ଦ ଡାକରା

ଡାବୁଗାଁ, ୧୫।୯ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବନ୍ଦ ଡାକରା ଦେଇଛି ଡାବୁଗାଁ ବ୍ଲକ ଭାରତୀୟ ଜନତା ପାର୍ଟି । ଆସନ୍ତା ୨୧ ତାରିଖ ଶୁକ୍ରବାର ଡାବୁଗାଁ ବନ୍ଦ କରାଯିବ । ବ୍ଲକ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଅନିୟମିତତା, ପ୍ରଧାନ ଶିକ୍ଷକ, ଇଂରାଜୀ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ପୂରଣ , ଶିକ୍ଷାରେ ହେଉଥିବା ଅବହେଳା ବିରୋଧରେ ସ୍ଥାନୀୟ ତହସିଲଦାର ଓ ବିଡିଓ ଙ୍କ ଜରିଆରେ ଜିଲାପାଳଙ୍କୁ ପୂର୍ବରୁ ଅଗଷ୍ଟ ୧୦ ତାରିଖରେ ସମସ୍ୟାର ସମାଧାନ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଥିଲା । କିନ୍ତୁ ଏ ପର୍ଯ୍ୟନ୍ତ ଜିଲା ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଏନେଇ ବ୍ଲକ ଭାଜପା ତରଫରୁ ଶନିବାର ଏକ ବୈଠକ କରାଯାଇ ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ୨୧ ତାରିଖ ଶୁକ୍ରବାର ୬ ଘଣ୍ଟିଆ ଡାବୁଗାଁ ବ୍ଲକ ବନ୍ଦ କରାଯିବ ନିଷ୍ପତ୍ତି ନିଆଯାଇଛି ବୋଲି ଜିଲା ଭାଜପା ଉପସଭାପତି ଜୟନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି । ଏହି ବୈଠକରେ ଜିଲା ସମ୍ପାଦକ ଦିବାନ ସିଂ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ନରେଶ କୁମାର ସିଂ, ମଣ୍ଡଳ ସଭାପତି ରାଜଶେଖର ରାଓ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ବିଶ୍ୱରଞ୍ଜନ ପାତ୍ର , ରାଜୁ ରେଲି, ଭୀମସେନ ଜେନା, ରାକେଶ ପାତ୍ର, ନରୁ ସିଂ ଓ କର୍ମୀମାନେ ଉପସ୍ଥିତ ଥିଲେ।

# ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଲେ ଛାତ୍ରୀ



ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀ,ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ।

ଡାବୁଗାଁ,୧୫।୯ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳରେ ଶନିବାର ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରାର୍ଥନା ସଭାରେ ସ୍ୱଚ୍ଛ ବିଦ୍ୟାଳୟ ବିଷୟରେ ଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ନିଜ ନିଜର ଅବିଭାଷଣ ରଖିଥିଲେ । ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସମସ୍ତ ଛାତ୍ରୀ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ବିଦ୍ୟାଳୟର ଚର୍ତୁଃପାର୍ଶ୍ୱ ଓ ନିକଟସ୍ଥ କନ୍ୟାଶ୍ରମଗୁଡାରେ ନଳକୂପ ଚାରିପାଖ ଓ ରାସ୍ତା ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଛାତ୍ରୀମାନେ ସ୍ୱଚ୍ଛତା ହିଁ ସେବାର ବାର୍ତ୍ତା ଦେଇ ଲୋକମାନଙ୍କୁ ସଚେତନତା କରିଥିଲେ ।

### ୩ ଶିଶୁ ଶ୍ରମିକ ଉଦ୍ଧାର

ନବରଙ୍ଗପୁର,୧୫।୯(ବି.ପ୍ର)

ନବରଙ୍ଗପୁର ଭାଟିଶାଳଗୁଡାରେ ଥିବା ଏକ ମିକ୍ସଚର ଭାଟିରୁ ୩ ଶିଶୁ ଶ୍ରମିକ ଶନିବାର ଉଦ୍ଧାର କରାଯାଇଛି। ପୋଲିସ, ସିଡବ୍ଲୁସି, ଲେବର ଅଫିସର ମିଳିତ ଭାବେ ଚଢାଉ କରି ୩ ଶିଶୁ ଶ୍ରମିକ ଉଦ୍ଧାର କରିଥିଲେ।

# ଭାଙ୍ଗିଛି କଲଭର୍ଟ, ମରାମତି ଦାବି

ଚନ୍ଦାହାଣ୍ଡି,୧୫।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ସନ୍ଧିମୁଣ୍ଡା ଗ୍ରାମଠାରୁ ତେଲନଦୀକୁ ଯିବା ରାସ୍ତାର କଲଭର୍ଟ ଭାଙ୍ଗି ଯାଇଥିବାରୁ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ କଲଭର୍ଟ ବହୁ ଦିନରୁ ଭାଙ୍ଗିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଉକ୍ତ ରାସ୍ତା ଦେଇ ପଡୋଶୀ ଛତିଶଗଡକୁ ଦୈନିକ ଶହ ଶହ ମୋଟରସାଇକେଲ ଏବଂ ଅନ୍ୟାନ୍ୟ ଯାନବାହାନ ଚଳାଚଳ ହେଉଥିଲା । ଚନ୍ଦାହାଣ୍ଡି ଏବଂ ପଡୋଶୀ ଛତିଶଗଡର ଆମଲିପଦର ଜନସାଧାରଣ ଉଭୟ ବ୍ଲକ ଉପରେ ନିର୍ଭର କରନ୍ତି । ବାଣିଜ୍ୟିକ କାରବାର ପାଇଁ ମଧ୍ୟ ଚନ୍ଦାହାଣ୍ଡି ଲୋକେ ଆମଲିପଦର ଏବଂ ଆମଲି ପଦର ଲୋକେ ଚନ୍ଦାହାଣ୍ଡି ଆସିଥାନ୍ତି । ଉକ୍ତ କଲଭର୍ଟ ଭାଙ୍ଗିଲା ପରେ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି । ଉକ୍ତ ରାସ୍ତା ଦେଇ ଯାଇଥିବା ତେଲ ନଦୀ ଉପରେ ଓଡିଶା ସରକାରଙ୍କ ପକ୍ଷରୁ ବିଜୁ ସେତୁ ଯୋଜନାରେ ପୋଲ କାର୍ଯ୍ୟ ନିର୍ମାଣ ଚାଲିଛି । ଉକ୍ତ ପୋଲ ନିର୍ମାଣ ହେଲେ ଚନ୍ଦାହାଣ୍ଡି ଏବଂ ପଡୋଶୀ ଛତିଶଗଡ ପାଇଁ ନୂଆ ରାସ୍ତା ଫିଟିବା ସହ ବାଣିଜ୍ୟିକ କାରବାରରେ ଉନ୍ନତି ହେବ । କିନ୍ତୁ ଉକ୍ତ କଲଭର୍ଟ ଭାଙ୍ଗିବା ପରେ ପ୍ରଶାସନ ମରାମତି କିମ୍ବା ନୂତନ କଲଭର୍ଟ ନିର୍ମାଣ କରାଯାଉ ନଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି । ଜିଲାପାଳ ଦୃଷ୍ଟି ଦେଇ ଉକ୍ତ କଲଭର୍ଟ ତୁରନ୍ତ ମରାମତି କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି ।



କଲଭର୍ଟରେ ସୃଷ୍ଟି ହୋଇଥିବା ଖାଲ ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଅଜିତ



@ କାବୁଲି



@ ମନୋଜ



@ କିତ୍ରିକଳ୍ପ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ଉଦ୍ଧାର ନାବାଳକଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର

ନବରଙ୍ଗପୁର,୧୫।୯(ବି.ପ୍ର)

ନବରଙ୍ଗପୁର ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି) ପକ୍ଷରୁ ବ୍ରହ୍ମପୁରରୁ ଉଦ୍ଧାର ହୋଇଥିବା ଜଣେ ନାବାଳକ(୧୬)ଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନାବାଳକ ଜଣକ ଗତ ୨୩ ତାରିଖରେ କାମ ଅନ୍ୱେଷଣରେ ଘରୁ କୁଆଡେ ଚାଲି ଯାଇଥିଲେ। ଗତ ୩୦ ତାରିଖରେ ବ୍ରହ୍ମପୁର ଜିଆରପି ପୋଲିସ ତାଙ୍କୁ ଉଦ୍ଧାର କର ବ୍ରହ୍ମପୁର ସିଡବ୍ଲୁସିଙ୍କୁ ହସ୍ତାନ୍ତର କରିଥିଲା। ବ୍ରହ୍ମପୁର ସିଡବ୍ଲୁସି ନାବାଳକଙ୍କୁ ପଚରାଉଚରା ବେଳେ ତାଙ୍କ ଘର ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ବୋଲି ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ନବରଙ୍ଗପୁର ସିଡବ୍ଲୁସିଙ୍କୁ ଜଣାଇବା ସହ ନାବାଳକଙ୍କୁ ହସ୍ତାନ୍ତର କରିଥିଲେ। ନବରଙ୍ଗପୁର ସିଡବ୍ଲୁସି ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ ଓ ସଭ୍ୟ ମାନେ ନାବାଳକଙ୍କ କାଉଁସିଲିଂ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।



ଆତ୍ମସଂଯମ, ସାଧନା ଓ ସେବା ଦ୍ୱାରା ହିଁ ମାନବ ସମାଜରେ ଶାନ୍ତି ଓ ଆନନ୍ଦ ଆସିଥାଏ।

-ସ୍ୱାମୀ ଚିଦାନନ୍ଦ



## ସଂକ୍ଷେପରେ

### କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଜୟପୁର,୧୫।୯(ନି.ପ୍ର.):** ଜୟପୁର ଅନ୍ତର୍ଗତ କଳାଗୁଡ଼ା ବ୍ରିଜ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଉକ୍ତ ଯୁବକ ଜଣକ ହେଲେ ସମ୍ପାରତୁଟାର ଦୁବା ଗୌଡ଼ (୩୫)। ଦୁବା ଶନିବାର କେନାଲର ଗାନ୍ଧୀ ଛକଠାରେ ପ୍ୟାଣ୍ଟ, ସାର୍ଟ, ଜୋତା ରଖି ଶୌଚ ହେଉଥିବା ସମୟରେ ଭାସିଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ପୋଷାକ କେନାଲଠାରେ ଥିବା ଦେଖିବାକୁ ପାଇଥିଲେ। ଏହାପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ବହୁ ଖୋଜାଖୋଜି କରିବା ପରେ କଳାଗୁଡ଼ା ବ୍ରିଜ ନିକଟରୁ ଦୁବାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଜୟପୁର ଜିଲା ଚିକିତ୍ସାଳୟରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଜୟପୁର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

### ଚଳନ୍ତା ବୋଲେରୋରେ ନିଆଁ, ବର୍ତ୍ତିଲେ ୪

**ଜୟପୁର,୧୫।୯(ନି.ପ୍ର.):** ଜୟପୁର ସଦର ଥାନା ନିକଟରେ ଏକ ଚଳନ୍ତା ବୋଲେରୋରେ ହଠାତ୍ ନିଆଁ ଲାଗିଯାଇଛି। ତେବେ ଏଥିରେ ଥିବା ୪ ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଓଡି ୩୩ ଏମ୍ ୮୫୭୩ ନମ୍ବର ଥିବା ଏହି ବୋଲେରୋ ବୋରିଗୁମ୍ମା ଯାଉଥିବା ବେଳେ ହଠାତ୍ ଇଞ୍ଜିନରୁ ନିଆଁ ବାହାରିଥିଲା। ଏହା ଦେଖି ଗାଡ଼ିରେ ବସିଥିବା ୪ ଜଣ ତୁରନ୍ତ ସେଥିରୁ ଓହ୍ଲାଇ ପଡ଼ିଥିଲେ। ନିକଟସ୍ଥ ପେଟ୍ରୋଲ ପମ୍ପର କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିଥିଲା।

### ସନ୍ଦେହଜନକ ଅବସ୍ଥାରେ ନମ୍ବରବିହୀନ ଗାଡ଼ି ଜବତ



**ନନ୍ଦପୁର,୧୫।୯(ଡି.ଏନ୍.ଏ):** କୋରାପୁଟ ଜିଲା ନନ୍ଦପୁର ପୋଲିସ ଶନିବାର ସନ୍ଦେହଜନକ ଅବସ୍ଥାରେ ଏକ ମହିନ୍ଦ୍ରା କାର୍ ଜବତ କରିଛି। ଗାଡ଼ିଟି ପୂର୍ତ୍ତ ଡାକବଙ୍ଗଳା ନିକଟବର୍ତ୍ତୀ ସ୍ଥାନରେ ରହିଥିଲା। ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଉକ୍ତ କାର୍‌ଟିକୁ ଛାଡି ପଳେଇଥିବା ଜଣାପଡ଼ିଥିଲା। ଖବର ପାଇ ନନ୍ଦପୁର ଥାନା ଏସ୍‌ଆଇ ଜଳନ୍ଧର ସେଠୀ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଛନ୍ତି। ଗାଡ଼ିରେ ନମ୍ବରପ୍ଲେଟ୍ ନ ଥିବାରୁ ଏହାକୁ ନେଇ ନାନା ପ୍ରକାର କଳ୍ପନାଜଳ୍ପନା ପ୍ରକାଶ ପାଇଛି।

### ୨ ଗୋଷ୍ଠୀ ଭିତରେ ଗଣ୍ଡଗୋଳ
### ଘଟଣା ତେଜିବା ଆଗରୁ ସମ୍ଭାଳିନେଲା ପୋଲିସ

**ଜୟପୁର,୧୫।୯(ଡି.ଏନ୍.ଏ.):** ଜୟପୁର ସଦରଥାନା ରଣ୍ଡାପାଲୀ ଗ୍ରାମରେ ଦୁଇ ଭିନ୍ନ ସମ୍ପ୍ରଦାୟର ଗୋଷ୍ଠୀ ମଧ୍ୟରେ ଗତ ଗୁରୁବାର ରାତିରେ ଗଣେଶ ମେଢ଼ ନିକଟରେ ଗଣ୍ଡଗୋଳ ହୋଇଛି। ପୋଲିସ ତୁରନ୍ତ ଏ ଦିଗରେ ତତ୍ପରତା ଦେଖାଇବା ପରେ କୌଣସି ବଡ଼ ଅପ୍ରୀତିକର ଘଟଣା ଘଟିନାହିଁ। ସୂଚନା ଅନୁଯାୟୀ, ମାସକ ତଳେ ଗୋଟିଏ ସମ୍ପ୍ରଦାୟର ଜଣେ ବିବାହିତ ମହିଳା ଅନ୍ୟ ଜଣେ ସମ୍ପ୍ରଦାୟର ବିବାହିତ ବ୍ୟକ୍ତିଙ୍କ ସହିତ ଫେରାର ହୋଇଯାଇଥିଲେ। ସେହି ଦିନଠାରୁ ଉଭୟ ସମ୍ପ୍ରଦାୟ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଏନେଇ ବିଭିନ୍ନ ସମୟରେ ଉଭୟ ସମ୍ପ୍ରଦାୟ ମୁହାଁମୁହିଁ ହେବା ଭଳି ପରିସ୍ଥିତି ସୃଷ୍ଟି ହେଉଥିଲା। ଉକ୍ତ ବିବାହିତ ମହିଳା ଜଣକ ଏକ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ୭୦ ହଜାର ଟଙ୍କା ନେଇ ଚାଲିଯାଇଥିବା ନେଇ ଏସ୍‌ଏଚ୍‌ଜିର ସଦସ୍ୟମାନେ ଅଭିଯୋଗ କରିଥିଲେ। କୌଣସି କାରଣରୁ ପୁଣିଥରେ ଉଭୟ ପକ୍ଷର ମହିଳା ଓ ପୁରୁଷ ବିଭିନ୍ନ ମାରଣାସ୍ତ୍ର ନେଇ ଗତ ଗୁରୁବାର ରାତିରେ ମୁହାଁମୁହିଁ ହୋଇଥିଲେ। ଏହି ଖବର ପାଇବା ପରେ ସଦର ଥାନା ପୋଲିସ ଏବଂ ଆମ୍ବାଗୁଡ଼ା ଫାଣ୍ଡି ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଣ୍ଡଗୋଳକୁ ଆଗକୁ ବଢ଼ିବାର ସୁଯୋଗ ଦେଇ ନଥିଲେ। ଉଭୟ ପକ୍ଷର ଲୋକଙ୍କୁ ନେଇ ଥାନାରେ ଏକ ବୈଠକ କରାଯାଇ ଶାନ୍ତି ଫେରାଇ ଅଣାଯାଇଥିବା ପୋଲିସ ସୂଚନା ଦେଇଛି।

# ପାନ୍ଦି ପରିବାରର ସୁଖ ଛଡ଼ାଇନେଇଛି ରୋଗ

- ଆଖି ବୁଜିଛି ବଡ଼ଝିଅ, ଅନ୍ୟ ୨ ଝିଅ ଶଯ୍ୟାଶାୟୀ
- ଅର୍ଥ ଅଭାବରୁ ଚିକିତ୍ସା ପାଇଁ ସାହସ କୁଳଉନି

**ଶରତ ଧଳ**
**ପଟ୍ଟାଙ୍ଗି,୧୫।୯**



ଦୁଇ ଶଯ୍ୟାଶାୟୀ ଝିଅଙ୍କ ସହ ପରିବାର।

ଆର୍ଥିକ ସ୍ୱଚ୍ଛଳ ନଥିଲା ପରିବାର। କିନ୍ତୁ ସବୁ ଅଭାବ ଭିତରେ ସୁଖଦୁଃଖରେ ଚାଲିଥିଲା ପାନ୍ଦି ପଲିଆଙ୍କ ପରିବାର। ହଠାତ୍ ବିବାହ କରିଯାଇଥିବା ବଡ଼ଝିଅ ଏଭଳି ଏକ ରୋଗରେ ଆକ୍ରାନ୍ତ ହେଲେ, ଯାହା ତାଙ୍କ ଜୀବନ ନେଇଗଲା। ରୋଗରେ ଆକ୍ରାନ୍ତ ହୋଇ ସେ ବାପଘରକୁ ଫେରିଆସିଲେ ଓ ସେହିଠାରେ ରୋଗ ସହ ସଂଗ୍ରାମ କରି ଆଖି ବୁଜିଲେ। ଦୁର୍ଭାଗ୍ୟ ଏମିତି ଯେ ସେହି ସମାନ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି ପାନ୍ଦି ପଲିଆଙ୍କ ଅନ୍ୟ ଦୁଇଝିଅ। ଏହି ରୋଗରେ ଅର୍ଥ, ଶ୍ରମ, ସମୟ, ସ୍ୱାସ୍ଥ୍ୟ, ଜୀବନ ଦେଇ ତଳିତଳାନ୍ତ ହୋଇପଡ଼ିଲାଣି ଗୋଟିଏ ପରିବାର।

ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ ଅଧୀନରେ ରହିଛି ଡୁମୁରିଗୁଡ଼ା। ଏହି ଗାଁର ବାସିନ୍ଦା ହେଉଛନ୍ତି ପାନ୍ଦି ପଲିଆ ଓ ତାଙ୍କ ସ୍ତ୍ରୀ ସନାଇ। ଗରିବ ଶ୍ରେଣୀର ହୋଇଥିବାରୁ ବିପିଏଲ ହିତାଧିକାରୀ ଭାବେ ଚାଉଳ କାର୍ଡ଼ ପାଇଛନ୍ତି। ପରିବାର କହିଲେ ଥିଲା ପାଞ୍ଚ ଝିଅ ଓ ଗୋଟିଏ ପୁଅ। ପଲିଆଙ୍କ ପ୍ରଥମ ଝିଅ ସୀତାମଣି ବିବାହ ପର୍ଯ୍ୟନ୍ତ ସୁସ୍ଥ ଥିଲେ। କିନ୍ତୁ ହଠାତ୍ ତାଙ୍କ ଅଣ୍ଟାରୁ ଗୋଡ଼ ଯାଏଁ ଝିମ୍‌ଝିମ୍ ମାରି ବିନ୍ଧାହେବା ସହ ଆଉ କାମ କଲାନାହିଁ। ବାଧ୍ୟହୋଇ ସେ ବାପଘରକୁ ଫେରି ଆସିଲେ। ଦୁଇବର୍ଷ କାଳ ଅନେକ ଖର୍ଚ୍ଚାନ୍ତ ହୋଇ ତାଙ୍କର ଚିକିତ୍ସା କରାଯାଇଥିଲେ ମଧ୍ୟ ସୀତାମଣିଙ୍କର ମୃତ୍ୟୁ ହେଲା। ଏଥିରେ ପାନ୍ଦି ପରିବାର ଭାଙ୍ଗିପଡ଼ିଲେ। ଦୁର୍ଭାଗ୍ୟ ଯେବେ ଆସେ, ସଖା ସହୋଦରଙ୍କୁ ସାଥୀରେ ଧରି ଆସେ। ଏହି ନ୍ୟାୟରେ ପରିବାର ପିଛା ଛାଡ଼ିଲା ନାହିଁ ଦୁର୍ଭାଗ୍ୟ। ତୃତୀୟ ସନ୍ତାନ ଭାବେ ଝିଅ ଦାନୁକୁ ୨୦ ବର୍ଷ ବୟସ ହେବା ପରେ ତାଙ୍କୁ ମଧ୍ୟ ସୀତାମଣିଙ୍କ ପରି ରୋଗ ଆକ୍ରାନ୍ତ କଲା। ଅଣ୍ଟାରୁ ଗୋଡ଼ ଯାଏଁ ଯନ୍ତ୍ରଣା ଆରମ୍ଭ ହେଲା। ଚତୁର୍ଥ ଝିଅ ସୁବର୍ଣ୍ଣ ଚମ୍ପାଖେଦା କନ୍ୟାଶ୍ରମରେ ଅଷ୍ଟମ ଶ୍ରେଣୀ ଯାଏଁ ପାଠ ପଢ଼ିଛନ୍ତି। କିନ୍ତୁ ସିଏ ମଧ୍ୟ ଦୁଇ ଭଉଣୀଙ୍କ ପରି ସେହି ସମାନ ରୋଗରେ ଆକ୍ରାନ୍ତ ହେବା ପରେ ତାଙ୍କ ପାଠପଢ଼ାରେ ଡୋରି ବନ୍ଧାହେଲା। ବଡ଼ଝିଅ ସୀତାମଣିର ଚିକିତ୍ସା ପାଇଁ ଅନେକ ଖର୍ଚ୍ଚାନ୍ତ ହୋଇଥିଲେ ପାନ୍ଦି ପରିବାର। ଏବେ ଅନ୍ୟ ଦୁଇଝିଅ ଦାନୁ ଓ ସୁବର୍ଣ୍ଣଙ୍କୁ ଭଲ କରିବା ପାଇଁ ଅନେକ କରଜ କରି ଚିକିତ୍ସା ଚାଲିଛି। କିନ୍ତୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ କିଛି ଉନ୍ନତି ହେଉନଥିବା ପାନ୍ଦି ପଲିଆ ଦୁଃଖର ସହ ଜଣାଇଥିଲେ। ଶେଷରେ ଗାଁର ଅଙ୍ଗନୱାଡ଼ି ଦିଦି ନିର୍ମଳା ମାଝିଙ୍କ ସହାୟତାରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଚିକିତ୍ସା ବ୍ୟବସ୍ଥା ହୋଇଥିଲା। କିନ୍ତୁ ତାହା ମଧ୍ୟ ଫଳପ୍ରଦ ହେଲାନାହିଁ। ବଡ଼ମେଡିକାଲ ନେଇ ଉନ୍ନତ ଚିକିତ୍ସା କରାଇବା ପାଇଁ ଏଠିକାର ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ଅର୍ଥ ଅଭାବ ସାଙ୍ଗକୁ ଅନେକ କରଜ ହୋଇଯାଇ ଥିବାରୁ ପାନ୍ଦି ପରିବାର ଦୁଇଝିଅଙ୍କ ଉନ୍ନତ ଚିକିତ୍ସା କରାଇ ପାରୁନାହାନ୍ତି। ଭାଗ୍ୟକୁ ଆଦରି ସମସ୍ତେ ଭଙ୍ଗା ଚାଳିଆରେ ପଡ଼ିରହିଛନ୍ତି ବୋଲି ଅତି ଦୁଃଖରେ ଜଣାଇଛନ୍ତି ବାପା ପାନ୍ଦି ପଲିଆ। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏହି ଦୁଇ ଭଉଣୀଙ୍କ ଉନ୍ନତ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

## ■ଡିପିଏସ୍ ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲାରେ ରାୟ
# ୨ ଶିକ୍ଷକ, ଲାଇବ୍ରେରିଆନ ନିର୍ଦ୍ଦୋଷ

**ଜୟପୁର,୧୫।୯(ଡି.ଏନ୍.ଏ.)**

କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ)ର ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଜୟପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା ଏହି ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଇଂଲିଶ ଶିକ୍ଷକ ସିର୍ଦ୍ଧାଥ ଶଙ୍କର ଚୌଧୁରୀ, ଦିପ୍ତି ପ୍ରକାଶ ପଣ୍ଡା ଏବଂ ଲାଇବ୍ରେରିଆନ ବିଶ୍ୱନାଥ ବାରିକ। ଏମାନଙ୍କୁ ଆବଶ୍ୟକ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ମାମଲାରେ ବିଦ୍ୟାଳୟର ୩୦ ଜଣ ଛାତ୍ରୀଙ୍କ ସମେତ ସମୁଦାୟ ୪୧ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜ କିଶୋର ପାତ୍ର, ପିଣ୍ଟୁ ମାଝି, ଉମାକାନ୍ତ ସାହୁ ମାମଲା ପରିଚାଳନା କରୁଥିଲେ।

ସୂଚନା ଅନୁଯାୟୀ, ୨୦୧୬ରେ ଦାମନଯୋଡ଼ି ଡିପିଏସ୍‌ର ଛାତ୍ରୀମାନଙ୍କୁ ଶିକ୍ଷକ ଏବଂ କର୍ମଚାରୀ ଯୌନ ନିର୍ଯାତନା ଦେଉଥିବା ଭଳି ସଙ୍ଗୀନ ଅଭିଯୋଗ ଉଠିବା ପରେ ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ବେଶ୍ ଚର୍ଚ୍ଚା ହୋଇଥିଲା। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହିତ ଦାମନଯୋଡ଼ି ଥାନାରେ ଉପରୋକ୍ତ ୨ ଶିକ୍ଷକ ଏବଂ ଜଣେ କର୍ମଚାରୀଙ୍କ ବିରୋଧରେ ଏତଲା ଦେଇଥିଲେ। ଥାନାରେ ବିଭିନ୍ନ ଦଫା ଅନୁଯାୟୀ କେସ୍ ନଂ ୫୬/୧୬ରେ ଏକ ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା।

# ଆବାସିକ ତାଲିମ ଶିବିର ଆରମ୍ଭ

- ପ୍ରଶିକ୍ଷଣ ନେଉଛନ୍ତି ୭୨ ସ୍ୱଚ୍ଛଗ୍ରାହୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଦଶମନ୍ତପୁର, ୧୫।୯(ଡି.ଏନଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରସ୍ଥ କଲ୍ୟାଣମଣ୍ଡପରେ ଶନିବାରଠାରୁ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ପାଞ୍ଚ ଦିନିଆ ସ୍ୱଚ୍ଛଗ୍ରାହୀଙ୍କ ଆବାସିକ ତାଲିମ ଶିବିର ଆରମ୍ଭ ହୋଇଛି। ଏହା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ବିଡିଓ ରଜନୀକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ବିଶୋୟୀ, ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ନାୟକ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ଭବାନୀ କୁମାର ପାଢୀ, ଗୀତାଞ୍ଜଳି ସାହୁ, ବାଳମୁକୁନ୍ଦ ଶୁକ୍ଳା, ଦିଲିପ କୁମାର ହିଆଲ, ସାମୁଏଲ କନ୍ଧପାନ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବ୍ଲକକୁ ବାହ୍ୟ ମଳତ୍ୟାଗ ମୁକ୍ତ କରିବା ଲକ୍ଷ୍ୟ ନେଇ ଏହି ତାଲିମ ଶିବିର ଆୟୋଜନ ହୋଇଛି। ଲୋକେ ନିଜ ଘରେ ପାଇଖାନା ନିର୍ମାଣ କରି ତାହାକୁ ବ୍ୟବହାର କରିବା ପାଇଁ ସଚେତନତା ସୃଷ୍ଟି ଲାଗି ତାଲିମ ଦିଆଯାଉଛି। ଶିବିରକୁ ବ୍ଲକ ସଂଯୋଜକ ବିଶ୍ୱନାଥ ବିଶୋୟୀ ପରିଚାଳନା କରିଥିଲେ। ପାଇଖାନା ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରିବା ଆବଶ୍ୟକ ରହିଛି ବୋଲି ଭାରପ୍ରାପ୍ତ ବିଡିଓ ଦାଶ କହିଛନ୍ତି। ପରିବେଶ ସ୍ୱଚ୍ଛ ରଖିବାକୁ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ନୂତନ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି ବ୍ଲକ୍ ଉପାଧ୍ୟକ୍ଷ ବିଷୋଇ। ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ଜି.ପି.ରେ ୪ ଜଣ ଲେଖାଏଁ କର୍ମଚାରୀଙ୍କୁ ଦାୟିତ୍ୱ ମିଳିବା ସୂଚନା ରହିଛି। ଯେଉଁ ଜି.ପି.ରେ ସ୍ୱଚ୍ଛତା ଅଭିଯାନ ସଫଳ ହେବ ସେହି କର୍ମଚାରୀଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ଏହି ଶିବିରରେ ୭୨ ଜଣ ପ୍ରଶିକ୍ଷଣ ନେଉଛନ୍ତି।

## ■ ପାଣି ସମସ୍ୟା ପାଇଁ କାକିରିଗୁମ୍ମା-ମାଥାଲପୁଟ ରାସ୍ତା ଅବରୋଧ
# ଗରା-ବାଲ୍‌ଟି ଧରି ରାସ୍ତାରେ ମହିଳା

**କୋରାପୁଟ,୧୫।୯(ସ୍ୱ.ପ୍ର.)**



ରାସ୍ତାରେ ଗରା ବାଲ୍‌ଟି ଧରି ଅବରୋଧ କରିଛନ୍ତି ମହିଳା।

ପାଣି ସମସ୍ୟା ନେଇ ତାତିଛନ୍ତି ମହିଳା। କୋରାପୁଟ ବ୍ଲକ ମାଥାଲପୁଟରେ ଶନିବାର ମହିଳାମାନେ ଗରା ବାଲଟି ଧରି ରାସ୍ତାରେ ବସିରହିଥିଲେ। ସେମାନେ କାକିରିଗୁମ୍ମା ରାସ୍ତା ଅବରୋଧ କରିବାରୁ ନାଲକୋ ମାଇନ୍ସର କର୍ମଚାରୀମାନେ ଖଣିକ୍ଷେତ୍ରକୁ ଯାଇପାରି ନ ଥିଲେ। ଏଥିଯୋଗୁଁ ଅନ୍ୟ ସାଧାରଣ ଲୋକେ ମଧ୍ୟ ଅସୁବିଧା ଭୋଗିଛନ୍ତି। ମାଥାଲପୁଟ ଗ୍ରାମରେ ନାଲକୋ ପକ୍ଷରୁ ୭ଟି ପାଇପ ପଏଣ୍ଟ ଯୋଗେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଉଥିଲା। କିନ୍ତୁ କିଛି ମାସ ହେଲା ଏଥିରୁ ମାତ୍ର ୩ଟିରେ ପାଣି ମିଳୁଛି। ଦିନକୁ ୪ ଘଣ୍ଟା ସ୍ଥଳେ ମାତ୍ର ଅଧଘଣ୍ଟା ପାଇଁ ପାଣି ଆସୁଥିବାରୁ ଲୋକେ ନାଲକୋ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ। କିନ୍ତୁ ବର୍ତ୍ତମାନ ଯାଏ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନଥିଲା। ତେଣୁ ବାଧ୍ୟହୋଇ ସ୍ଥାନୀୟ ଲୋକେ ଶନିବାର ରାସ୍ତାରେ ଟାୟାର ଜାଳିବା ସହ ଗରା ଓ ହାଣ୍ଡି ରଖି ପ୍ରତିବାଦ ସ୍ୱରୂପ ଅବରୋଧ କରିଥିଲେ। ଅପରାହ୍ନରେ କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଦୀର୍ଘ ସମୟଧରି ବୁଝାସୁଝା କରିଥିଲେ। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା।

## ■ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ
# ପେନାଲଟି ଗୋଲରେ ଲାଣ୍ଡିଗୁଡ଼ା ବିଜୟୀ

**ଲମତାପୁଟ,୧୫।୯(ଡି.ଏନ୍.ଏ):**

କୋରାପୁଟ ଜିଲା ଅନ୍ତର୍ଗତ ଲମତାପୁଟ ବ୍ଲକ୍‌ର ପିଏଚ୍‌ଡି ପଡ଼ିଆରେ ଶନିବାର ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ କୋରାପୁଟର ଲାଣ୍ଡିଗୁଡ଼ା ଓ ବୋରିଗୁମ୍ମା ମଧ୍ୟରେ ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ବରାବର ସ୍ଥିତିରେ ରହିଥିବାବେଳେ ପେନାଲଟି ଗୋଲ୍‌ରେ ଲାଣ୍ଡିଗୁଡ଼ା ଦଳ ବିଜୟୀ ହୋଇଛି। ପ୍ରାୟ ୫ ହଜାର ଦର୍ଶକ ଉଦ୍‌ଘାଟନୀ ମ୍ୟାଚ୍ ଉପଭୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରୁ ୧୬ଟି ଦଳ ଭାଗନେବେ। ଏଥିରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଆୟୋଜନ କମିଟି ସଭାପତି ମୁକୁନ୍ଦ ହନ୍ତାଳ, ହରି ଖେମୁଣ୍ଡୁ, ଧନୁର୍ଜୟ ଦାର୍ଲି, ସୁନାକର ଅଡ଼ା, ବିଏନ୍‌ପି ଟାକ୍ରି, ନବୀନ ପାଲକା, ଲଳିତ ଦାର୍ଲି ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ଲମତାପୁଟ ସ୍ପୋର୍ଟିଂ କ୍ଲବ୍ ଆୟୋଜନ କରୁଛି।



ମ୍ୟାଚକୁ ଉଦ୍‌ଘାଟନ କରୁଛନ୍ତି ବିଧାୟକ ତାରାପ୍ରସାଦ ବାହିନିପତି।

## ■ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର
# 'ସଂସ୍କୃତ କାବ୍ୟ ଜ୍ଞାନରେ ପରିପୂର୍ଣ୍ଣ'

**କୋରାପୁଟ,୧୫।୯(ସ୍ୱ.ପ୍ର.)**

ସ୍ଥାନୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡ଼ାସ୍ଥିତ ସ୍ଥାୟୀ କ୍ୟାମ୍ପସରେ ସଂସ୍କୃତ ବିଭାଗ ଦ୍ୱାରା ଶନିବାର 'ସଂସ୍କୃତ କାବ୍ୟାସ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ପାଶ୍ଚାତ୍ୟ ସମୟରେ ଗୁରୁ ଓ ଶିଷ୍ୟର ସଂପର୍କ ଉପରେ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବତନ ମୁଖ୍ୟ ତଥା ଅବସରପ୍ରାପ୍ତ ପ୍ରଫେସର ଗୁଣନାଥ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଓ ପାଶ୍ଚାତ୍ୟ ସାହିତ୍ୟରେ ସଂସ୍କୃତ ଭାଷାର ସ୍ୱତନ୍ତ୍ର ପ୍ରଭାବ, କାବ୍ୟଶାସ୍ତ୍ର, ମମତାର କାବ୍ୟ ପ୍ରକାଶ ଓ ଜୟଦେବଙ୍କ ଗୀତଗୋବିନ୍ଦ ସମ୍ବନ୍ଧରେ ସୂଚନା ଦେଇଥିଲେ। ସଂସ୍କୃତ କାବ୍ୟଗୁଡ଼ିକ ଜ୍ଞାନରେ ପରିପୂର୍ଣ୍ଣ ଏବଂ ଏହାଦ୍ୱାରା ଆମେ ବର୍ତ୍ତମାନ ଗମ୍ଭୀର ସମସ୍ୟାର ସମାଧାନ କରିପାରିବା ବୋଲି ସେ କହିଥିଲେ। ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡ. କୁମୁଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେବା ସହ ସେ ଓ ଡ. ବିରେନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଛାତ୍ରୀଛାତ୍ର ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଛାତ୍ରୀ ସୁଭଦ୍ରା ପ୍ରିୟଦର୍ଶନୀ ରଥ ଓ ଛାତ୍ର ବିଶ୍ୱନାଥ ଚୈାଧୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଆଲୋଚନାରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

## ■ ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ଦାବି
# ବିବୃତି ରଖିଲେ ନାଗରିକ ମଞ୍ଚ ସଭାପତି

**ସେମିଳିଗୁଡ଼ା,୧୫।୯ (ସ୍ୱ.ପ୍ର.):**

ସେମିଳିଗୁଡ଼ାକୁ କାହିଁକି ଏବଂ କ'ଣ ପାଇଁ ଉପଖଣ୍ଡ ମାନ୍ୟତା ଦିଆଯିବା ଦରକାର ସେ ସମ୍ପର୍କରେ ଏକ ପ୍ରେସ୍ ବିବୃତିରେ ନାଗରିକ ମଞ୍ଚ ସଭାପତି କୃଷ୍ଣ ସିଂହ ଦର୍ଶାଇଛନ୍ତି। ସେ କହିଛନ୍ତି, ସୀମାନ୍ତ ଅଞ୍ଚଳ କୋଟିଆରେ ଆନ୍ଧ୍ରର ଅନୁପ୍ରବେଶକୁ ରୋକିବା ପାଇଁ ବହୁ ବୈଠକ, ଆଲୋଚନା ଏବଂ ବିତର୍କ ମଧ୍ୟ ହୋଇଛି। କିନ୍ତୁ ଏଯାଏ ସେ ସମସ୍ୟାର ସମାଧାନ ହୋଇପାରିନାହିଁ। ୧୯୯୩ ମସିହାରୁ ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ପାଇଁ ଦାବି ହୋଇଆସୁଛି। ଏଥିପାଇଁ ମଞ୍ଚ ପକ୍ଷରୁ ପୂର୍ଣ୍ଣାଙ୍ଗ ମ୍ୟାପ୍ ମଧ୍ୟ ପ୍ରସ୍ତୁତି ହୋଇସାରିଛି। ଏ ସମ୍ପର୍କରେ ଅନେକ ଦଳର ରାଜନେତା ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ହୋଇଛି । କିନ୍ତୁ ଏଯାଏ କ'ଣ ପାଇଁ ଉପଖଣ୍ଡ ମାନ୍ୟତା ପ୍ରଦାନ କରାଯାଉନି ବୋଲି ମଞ୍ଚ ସଭାପତି କୃଷ୍ଣ ପ୍ରଶ୍ନ କରିଛନ୍ତି। ସେମିଳିଗୁଡ଼ାକୁ କାହିଁକି ଉପଖଣ୍ଡ ମାନ୍ୟତା ଦିଆଯିବା ଦରକାର ସେ ସମ୍ପର୍କରେ କୃଷ୍ଣ କହିଛନ୍ତି , ସେମିଳିଗୁଡ଼ା ସହର ଦ୍ରୁତ ଗତିରେ ବଢ଼ିଚାଲିଛି। ଉପଖଣ୍ଡ ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ଜନସଂଖ୍ୟା ମଧ୍ୟ ରହିଛି। ଜାତୀୟ ରାଜପଥ ଯିବା ସହିତ ଲୋକଙ୍କ ଜୀବନଜୀବିକା ପାଇଁ ପ୍ରଶସ୍ତ କ୍ଷେତ୍ର ଏଠାରେ ଅଛି। ପ୍ରଶାସନିକ ଭିତ୍ତିଭୂମି ସ୍ଥାପନ ପାଇଁ ମଧ୍ୟ ସୁବିଧା ଅଛି। ଉପଖଣ୍ଡ ମାନ୍ୟତା ପ୍ରଦାନରେ ରାଜନୀତୀକରଣ ଏବଂ ଟାଳଟୁଳ ନୀତି ନ କରାଯାଉ ବୋଲି ସେ କହିଛନ୍ତି। ଅନୁସନ୍ଧାନ କରି ଉପଖଣ୍ଡ ମାନ୍ୟତା ଯଥାଶୀଘ୍ର ପ୍ରଦାନ କରିବାକୁ ସେ ବିବୃତିରେ ପ୍ରକାଶ କରିଛନ୍ତି।

# ଅଣହିନ୍ଦୁ ଯୁବକ ସହ ନାବାଳିକା ଫେରାର

**ବୋରିଗୁମ୍ମା,୧୫।୯(ଡି.ଏନ୍.ଏ.)**

- ପଦକ୍ଷେପ ନହେଲେ ରାଜରାସ୍ତାକୁ ଓହ୍ଲାଇବୁ
- ଚେତାବନୀ ଦେଲା ବିଶ୍ୱ ପରିଷଦ ଧର୍ମରକ୍ଷା ସେନା

ବୋରିଗୁମ୍ମା ଅଞ୍ଚଳରେ ଜଣେ ଅଣହିନ୍ଦୁ ଯୁବକ ଜଣେ ହିନ୍ଦୁ ନାବାଳିକାଙ୍କୁ ନେଇ ଫେରାର ହେବା ଘଟଣା ଏବେ ବିବାଦୀୟ ରୂପ ନେଇଛି। ଏହାକୁ ନେଇ ବିଶ୍ୱ ପରିଷଦ ଧର୍ମରକ୍ଷା ସେନା ଶନିବାର ସନ୍ଧ୍ୟାରେ ଏକ ପ୍ରେସ୍ ବିବୃତ୍ତି ରଖି ଏ ଦିଗରେ ପଦକ୍ଷେପ ପାଇଁ ଦାବି କରିଛି। ଗତ ଗୁରୁବାର ସ୍ଥାନୀୟ ଏକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଗଣେଶ ପୂଜା ପାଇଁ ଆସି ଆଉ ଘରକୁ ଫେରି ନଥିଲେ। ପରିବାରବର୍ଗ ଓ ସମ୍ପର୍କୀୟ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହେବା ପରେ ଶୁକ୍ରବାର ସେମାନେ ଝିଅ ନିଖୋଜ ଥିବା ନେଇ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ କିନ୍ତୁ ଉକ୍ତ ଛାତ୍ରୀ କୌଣସି ଅଣହିନ୍ଦୁ ଯୁବକ ସହ ଫେରାର ହୋଇଯାଇଥିବା ସନ୍ଦେହ କରି ଥାନାରେ ସୂଚନା ଦେଇଥିଲେ ପରିବାର। ଅନ୍ୟପକ୍ଷରେ ଶନିବାର ସକାଳେ ଯଥାଶୀଘ୍ର ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ପାଇଁ ବ୍ରାହ୍ମଣ ସମାଜ ପକ୍ଷରୁ ଥାନାରେ ମୌଖିକ ଏତଲା ଦେଇଥିବା ପଶ୍ଚିମ ଓଡ଼ିଶା ପ୍ରାନ୍ତ ଜିଲା ସଂଯୋଜକ ସୁଧାଂଶୁ କୁମାର ଜେନା କହିଛନ୍ତି। ଯଥାଶୀଘ୍ର ଉକ୍ତ ଛାତ୍ରୀଙ୍କୁ ପୋଲିସ ଉଦ୍ଧାର ନକଲେ, ଧର୍ମ ସୁରକ୍ଷା ସେନା ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ଚେତାବନୀ ଦେଇଛି।

## ■ ବ୍ଲକ ସମୂହ କବାଡ଼ି ପ୍ରତିଯୋଗିତା
# ଭାଗନେଲେ ୩୪ ସ୍କୁଲର ୬୦ ଛାତ୍ରୀଛାତ୍ର

**ଜୟପୁର,୧୫।୯(ଡି.ଏନ୍.ଏ.)**

ଜୟପୁର ବ୍ଲକରେ ବିଦ୍ୟାଳୟ ସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର କବାଡି ପ୍ରତିଯୋଗିତା ଶନିବାର ସ୍ଥାନୀୟ ଜଗଦିଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସରୋଜିନୀ ଦଣ୍ଡସେନା ପତାକା ଉତ୍ତୋଳନ କରି ଚଳିତ ଶିକ୍ଷାବର୍ଷର ପ୍ରଥମ ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ଏହାସହ ଫୁଟବଲ, କ୍ରିକେଟ, ଖୋ-ଖୋ ଓ ଦୌଡ଼କୁଦ ମଧ୍ୟ ଅନୁଷ୍ଠିତ ହେବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଖେଳରେ ଜୟପୁର ବ୍ଲକର ୩୪ଟି ଉଚ୍ଚ ବିଦ୍ୟାଳୟରୁ ୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବାଳିକା ବିଭାଗରେ ଶ୍ରେଷ୍ଠ ଖେଳାଳି ଭାବେ ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମେଘା ନାୟକ, ଆମ୍ବାଗୁଡ଼ା ଉଚ୍ଚ ବିଦ୍ୟାଳୟର ସୁଭଦ୍ରା ପୂଜାରୀ ଏବଂ ବାଳକ ବିଭାଗରେ ଜେସିଏନ୍ ପୌର ସରକାରୀ ଉଚ୍ଚ ବିଦ୍ୟାଳୟର ବାବୁଲା ପରଜା, ଜେଇଏଲସି ଉଚ୍ଚ ବିଦ୍ୟାଳୟ ପବିତ୍ର ଶିଶା ଶ୍ରେଷ୍ଠ ଖେଳାଳି ଭାବେ ଆସନ୍ତା ୧୮ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାରେ କ୍ରୀଡ଼ା ପରିଦର୍ଶକ ବିପ୍ରଚରଣ ପଣ୍ଡାଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିନାଥ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ବାସୁଦେବ ସେନାପତି, ନରେଶ ଷଡ଼ଙ୍ଗୀ, ପ୍ରସନ୍ନ ପାଣିଗ୍ରାହୀ, ନିରଞ୍ଜନ ପାଣିଗ୍ରାହୀ, ନଳିନୀ ମହାପାତ୍ର, ମିନତି ପାତ୍ର, ରୀତା ସାମନ୍ତରାୟ, ମୀନାମୟୀ ପରିଜା, ତରଙ୍ଗଲତା ଷଡ଼ଙ୍ଗୀ, ଶୁଭେନ୍ଦୁ ପ୍ରଧାନ ଖେଳ ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ସେପ୍ଟେମ୍ବର ୧୬/୨୦୧୮ Rayagada, Sunday, September 16/ 2018

# ଶହୀଦ ହେବାର ୯ବର୍ଷ ପରେ ପରିବାରକୁ ସ୍ମୃତିସନ୍ତକ

■ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମ୍ମାନିତ
■ ଯୁବପିଢ଼ିଙ୍କୁ ସେନାରେ ଯୋଗଦେବାକୁ ଆହ୍ୱାନ

ମାଲକାନଗିରି,୧୫।୯(ଡି.ଏନ.ଏ.)

ଶହୀଦ ରମେଶ ହାଲବାଙ୍କୁ ଶନିବାର ସିଆର୍‌ପିଏଫ ପକ୍ଷରୁ ମାଲକାନଗିରିରେ ଥିବା ତାଙ୍କ ପରିବାରଙ୍କୁ ସ୍ମୃତିସନ୍ତକ ପ୍ରଦାନ କରାଯାଇଛି। ଏଥିସହ ସେ ପାଠ ପଢୁଥିବା ମାଲକାନଗିରି ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ମଧ୍ୟ ସ୍ମୃତିସନ୍ତକ ସହ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ରମେଶ ଦେଶ ମାତୃକା ପାଇଁ ଲଢେଇ କରି ନିଜ ଜୀବନକୁ ବଳିଦାନ ଦେଇଥିଲେ। ଉଲ୍ଲେଖନୀୟ ଅବଦାନ ଓ ଶତ୍ରୁ ସହ ଲଢେଇ କରି ଆତଙ୍କବାଦୀ ଗୁଳିରେ ନିହତ ହେବାର ୯ ବର୍ଷ ପରେ ଶନିବାର ସମ୍ବଲପୁରର ୧୭୯ ବାଟାଲିୟନ୍ ସିଆରପିଏଫ୍ ପକ୍ଷରୁ ରମେଶ ହାଲବାଙ୍କ ପରିବାରକୁ ଏହି ସ୍ମୃତିସନ୍ତକ ଓ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ରମେଶ ୨୦୦୬ରେ ସିଆରପିଏଫ୍‌ରେ ଯୋଗଦେଇ ଜମ୍ମୁ-କଶ୍ମୀରର ୧୭୯ ବାଟାଲିୟନରେ କାର୍ଯ୍ୟରତ ଥିଲେ। ଏହି ସମୟରେ ସେ ସାପୁରାଠାରେ କର୍ତ୍ତବ୍ୟରତ ଥିବାବେଳେ ହାବିଲଦାର ବଜାଜ୍ ସିଂଙ୍କ ସହ ଅଫିସ କାର୍ଯ୍ୟରେ କ୍ୟାମ୍ପରୁ ବାହାରକୁ ଯାଉଥିଲେ। ନିକଟସ୍ଥ ଏକ ବସ୍‌ଷ୍ଟାଣ୍ଡରୁ ଆତଙ୍କବାଦୀମାନେ ଅତି ନିକଟରୁ ତାଙ୍କୁ ଗୁଳିମାରି ହତ୍ୟା କରି ଚାଲି ଯାଇଥିଲେ। ସିଆରପିଏଫ୍‌ର ୩ଜଣ ଯବାନ ଘଟଣା ସ୍ଥଳରେ ଶହୀଦ ହୋଇଥିଲେ। ଏହି ଘଟଣା ୨୯।୯।୨୦୦୯ରେ ଘଟିଥିଲା। ଏହି ଦୁଃଖଦ ଘଟଣାର ୯ ବର୍ଷ ପୂରିବାକୁ ଯାଉଛି। ପ୍ରତିବର୍ଷ ସିଆରପିଏଫ ଯବାନମାନେ ଏହି ଦିବସରେ କିଛି ନା କିଛି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଚଳିତବର୍ଷ ରମେଶ ପଢୁଥିବା ମାଲକାନଗିରି ବାଳକ ଉଚ୍ଚ ବିଦ୍ୟାଳୟକୁ ସମ୍ବଲପୁର ରେଞ୍ଜ ସିଆରପିଏଫ୍ ସବ୍‌ଇନ୍ସପେକ୍ଟର ସନ୍ତୋଷ ମହାନ୍ତି, ଡିଆଇଜିଙ୍କ ତତ୍ତ୍ୱାବଧାନରେ ଶନିବାର ମାଲକାନଗିରିରେ ପହଞ୍ଚି ଶହୀଦ ରମେଶଙ୍କ ମା' ଲକ୍ଷ୍ମୀପ୍ରିୟା ହାଲବା ଏବଂ ଭାଇ ସୁରେଶ ହାଲବା, ଦିନେଶ ହାଲବାଙ୍କୁ ଏହି ସ୍ମୃତିସନ୍ତକ ପ୍ରଦାନ କରିଥିଲେ। ରମେଶ ପଢୁଥିବା ବିଦ୍ୟାଳୟକୁ ଯାଇ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମହାନ୍ତି କହିଥିଲେ ଯେ, ନିଜ ଘରଦ୍ୱାର, ସାଙ୍ଗସାଥୀ, ପରିବାର ଛାଡି ଶତ୍ରୁଙ୍କ କବଳରୁ ଦେଶକୁ ରକ୍ଷା କରିବା ପାଇଁ ସୀମାରେ ଥିବା ସୈନିକମାନଙ୍କୁ ସ୍ମରଣ କରି ସେମାନଙ୍କ ଦେଶ ପ୍ରେମକୁ ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ। ଯୁବପିଢି ଦେଶ ମାତୃତ୍ୱ ସୁରକ୍ଷା ପାଇଁ ସେନାରେ ଯୋଗଦେବାକୁ ସେ ଆହ୍ୱାନ ଦେଇଥିଲେ।


ରମେଶଙ୍କ ପରିବାରକୁ ସିଆରପିଏଫ ପକ୍ଷରୁ ସ୍ମୃତି ସନ୍ତକ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ପଡିଆ ବ୍ଲକରେ ମୁଁ ହିରୋ କାର୍ଯ୍ୟକ୍ରମ

ପଡିଆ, ୧୫।୯ ମାଲକାନଗିରି ଜିଲା ପଡିଆ ସଦର ବ୍ଲକ ପରିସରରେ ଶନିବାର ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଡିଓ ଧରଣୀଧର ନାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଦେବା ମାଡକାମି, ଆଇଆଇସି ଗୌରାଙ୍ଗ ଚରଣ ମହାନ୍ତି, ମହାବିଦ୍ୟାଳୟ ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର,ଏମପି ପ୍ରତିନିଧି ଏମ୍.ନାକାଲ ରାଜୁ, ସିଙ୍ଗାମ ରାବିଡି କୁମାର ଅତିଥି ଭାବେ ଯୋଗ ଦେଇଥିଲେ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡକୁ ଲାଗି ଆଭ୍ୟନ୍ତରୀଣ ଅଞ୍ଚଳ ହୋଇଥିଲେ ମଧ ପଡିଆର କୁମାରୀ ସିରିଶା କାରାମୀ ଭଲିବଲରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ପଡିଆବାସୀଙ୍କ ସମ୍ମାନ ବୃଦ୍ଧି କରିଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅଞ୍ଚଳରେ ଅନେକ ପ୍ରତିଭା ଲୁକାୟିତ ଭାବେ ଅଛନ୍ତି। ବିଜୁ ଯୁବବାହିନୀ ଏହି ପ୍ରତିଭା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଉତ୍ସାହିତ କରିବା ସହ ମୁଁ ହିରୋ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ବିଡିଓ ନାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଁ ହିରୋ ରଥରେ ଟେଲିଭିଜନ ମାଧମରେ ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳତା ଦର୍ଶକମାନଙ୍କୁ ଅବଗତ କରାଯାଇଥିଲା।

# ମାଲ୍ୟବନ୍ତ ବସ ମାଲିକ ସଂଘର ପଞ୍ଜୀକରଣକୁ ବିରୋଧ

ମାଲକାନଗିରି, ୧୫।୯(ଡି.ଏନ.ଏ)–

ମାଲିକମାନଙ୍କ ବସ ନ ଥାଇ ମାଲକାନଗିରି ମାଲ୍ୟବନ୍ତ ଘରୋଇ ବସ୍ ମାଲିକ ସଂଘ ନାମରେ ଜିଲା ପ୍ରଶାସନ ନିକଟରେ ପଞ୍ଜୀକରଣ ପାଇଁ ଆବେଦନ କରାଯାଇଛି। ଏହାକୁ ଜିଲା ଘରୋଇ ବସ୍ ମାଲିକ ସଂଘ ବିରୋଧ କରିଛି। ଏହି ସଂଘ ନାମରେ କିଛି ବ୍ୟକ୍ତି ନିଜକୁ ବସ୍ ମାଲିକ ବୋଲି ପରିଚୟ ଦେଇ ଜିଲାପାଳଙ୍କ ନିକଟରେ ଆବେଦନ କରିଥିବା ଜିଲା ଘରୋଇ ବସ ମାଲିକ ସଂଘ ସଭାପତି ରମେଶ ପଟ୍ଟନାୟକ କହିଛନ୍ତି। । ଏହି ସଂଘରେ ଥିବା କିଛି ବ୍ୟକ୍ତିଙ୍କ ବସ୍ କବାଡ଼ିଖାନାରେ ବିକ୍ରି ସରିଲାଣି। ଆଉ କେତେକ ମାଲିକଙ୍କ ବସ ଅଚଳ ହୋଇ ପଡ଼ିରହି ଖତ ଖାଉଛି । ସେହିପରି ଜିଲା ଘରୋଇ ବସ୍ ମାଲିକ ସଂଘର ପୂର୍ବତନ ସଭାପତି ସଂଘର ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରି ଏଯାଏ କୌଣସି ହିସାବ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଯେ ପର୍ଯ୍ୟନ୍ତ ପୂର୍ବତନ ସଭାପତି ସମସ୍ତ ହିସାବ ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ତାଙ୍କ ଆବେଦନକୁ ଗ୍ରହଣ ନ କରିବାକୁ ପଟ୍ଟନାୟକ ଦାବି କରିଛନ୍ତି।

# ମହିଳାଙ୍କ ମୃତ୍ୟୁ ସନ୍ଦେହଜନକ

**ଡାକ୍ତର କହିଲେ ବିଷପିଇ ଆତ୍ମହତ୍ୟା କରିଛନ୍ତି**

ମାଥିଲି, ୧୫।୯ (ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଟେମୃପାଲି ପଞ୍ଚାୟତ ପଇକିଗୁଡା ଗ୍ରାମରେ ଜଣେ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ମୃତକ ହେଲେ ଗ୍ରାମର ଡମ୍ବରୁ ମାଡକାମୀଙ୍କ ସ୍ତ୍ରୀ ମାସେ ମାଡକାମୀ (୩୫) । ଗତ କିଛି ଦିନ ତଳେ ମାସେଙ୍କୁ ପ୍ରବଳ ଜ୍ୱର ହୋଇଥିଲା ।ବାରମ୍ବାର ଜ୍ୱର ହେଉଥିବାରୁ କିଆଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ସେ ଔଷଧ ନେଇ ଖାଇଥିଲେ । ଟିକେ ଭଲ ଲାଗିବାରୁ ଔଷଧ ବନ୍ଦ କରି ଦେଇଥିଲେ । ପୁଣି ଜ୍ୱର ହେବାରୁ ୨ ଦିନ ଖାଇ ନ ଥିବା ଔଷଧ ଗୋଟିଏ ଥର ଖାଇଥିବା ପରିବାର ଲୋକେ କହିଛନ୍ତି । ଔଷଧ ଖାଇବା ପରେ ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ହିଁ ମାସେଙ୍କ ମୃତ୍ୟୁ ଘଟିଥିଲା । ଏ ସମ୍ପର୍କରେ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରାକେଶ କୁମାର ବେହେରା କହିଛନ୍ତି ଯେ , ସମ୍ପୃକ୍ତା ମହିଳାଙ୍କୁ ସନ୍ଧ୍ୟାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ପୂର୍ବରୁ ହିଁ ତାଙ୍କ ପାଟିରୁ ଫେଣ ବାହାରୁଥିଲା । ସମସ୍ତ ବିଷ ପାଇପ ସହାୟତାରେ ବାହାର କରିଥିଲେ ମଧ ସେ ବଞ୍ଚିପାରି ନ ଥିଲେ ବୋଲି ଡା.ବେହେରା କହିଛନ୍ତି । କୌଣସି ଔଷଧ ଖାଇ ନୁହେଁ ବରଂ ବିଷପିଇ ଥିଲେ ଏପରି ହୋଇଥାଏ ବୋଲି ସେ ସନ୍ଦେହ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଏ ନେଇ ତଦନ୍ତ ଜାରି ରହିଛି । ଏନେଇ ଥାନା ଆଇଆଇସି ଜନ ଖୁଜୁର କହିଛନ୍ତି ଯେ, ବିଷପିଇ କିମ୍ବା ଔଷଧ ଯୋଗୁ ଏପରି ହୋଇଛି ତାହା ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ।

# ଶିକ୍ଷକ ଅଧ୍ୟାପକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ନେଇ ବୈଠକ

ମାଲକାନଗିରି,୧୫।୯(ଡି.ଏନ.ଏ.)–

ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ନିଷ୍ପତ୍ତି ଅନୁଯାୟୀ ଜିଲାର ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟବନ୍ ଆନ୍ଦୋଳନ କରିଛନ୍ତି। ଏହା ପୂର୍ବରୁ ମାଲକାନଗିରି କମିଟିର ଆବାହକ ଦୁଷ୍ମନ୍ତ କୁମାର ଜେନା ବିଓଡିଓଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ଏହି ସମୟରେ ମାଲକାନଗିରି ବ୍ଲକର ସମସ୍ତ ବ୍ଲକ ଗ୍ରାଣ୍ଟ, କଲେଜ ଓ ହାଇସ୍କୁଲର ଶତାଧିକ ଶିକ୍ଷକ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ । ପରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ କାର୍ଯ୍ୟ ବନ୍ଦ ସମ୍ପର୍କିତ ଏକ ବୈଠକ ହୋଇଥିଲା। ଏଥିରେ ଶିକ୍ଷକମାନଙ୍କ ନାର୍ଯ୍ୟ ଦାବି ଉପରେ ଆଲୋଚନା କରାଯାଇ ସରକାରଙ୍କ କାଳକ୍ଷେପଣ ନୀତିକୁ ନିନ୍ଦା କରାଯାଇଥିଲା । ଆନ୍ଦୋଳନ ଯୋଗୁ ସମସ୍ତ ସ୍କୁଲ ଓ କଲେଜରେ ପାଠପଢା ଏକପ୍ରକାର ଠପ୍ ହୋଇ ଯାଇଛି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ୧୯ରେ ମାଲକାନଗିରି ବ୍ଲକର ସମସ୍ତ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ବାଇକ୍ ରାଲି, ପଦଯାତ୍ରା ଏବଂ ବୈଠକ କରାଯାଇ ଜନସଚେତନତା ସୃଷ୍ଟି କରାଯିବା ଆନ୍ଦୋଳନକୁ ଆହୁରି ତୀବ୍ର କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଏକ ବ୍ଲକସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରାଯାଇ ସଦସ୍ୟ ଭାବେ ରଞ୍ଜନ କୁମାର ସ୍ୱାଇଁ, ଶ୍ରୀକାନ୍ତ ସାମଲ, ଏ. ଈଶ୍ୱର ରାଓ, ସତ୍ୟଜିତ ନାୟକଙ୍କୁ ମନୋନୀତ କରାଯାଇଛି। ୫ଟି କଲେଜସ୍ତରୀୟ ୧୪ ଜଣିଆ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ମହାପାତ୍ର, ଅଜୟ କୁମାର ସ୍ୱାଇଁ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, କଲେଜର ଅଧ୍ୟାପିକା ଅଧ୍ୟାପକମାନେ ବୈଠକରେ ଉପସ୍ଥିତ ଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଆତ୍ମସଂଯମ, ସାଧନା ଓ ସେବା ଦ୍ୱାରା ହିଁ ମାନବ ସମାଜରେ ଶାନ୍ତି ଓ ଆନନ୍ଦ ଆସିଥାଏ।

-ସ୍ୱାମୀ ଚିଦାନନ୍ଦ



## ସଂକ୍ଷେପରେ

### ଯାନବାହନ ଯାଞ୍ଚ

ଟିକିରି,୧୫।୯(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦର ଟିକିରି ପୋଲିସ ତରଫରୁ ଯାନବାହାନ ଯାଞ୍ଚ କରାଯାଇଛି । ଏଥିସହ ହେଲମେଟ୍ ଚେକିଂ କରାଯାଇଥିଲା । ଥାନାଧିକାରୀ ସୁଙ୍କାନୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ସୁଦର୍ଶନ ଅଧିକାରୀ, ମଧୁସୂଦନ ପୂଜାରୀ ପ୍ରମୁଖ ଥାନା ମୁଖ୍ୟଫାଟକ ନିକଟରେ ବିନା ହେଲମେଟ୍‌ରେ ଯାଉଥିବା ବାଇକ ଚାଳକଙ୍କୁ ଅଟକାଇ ଜରିମାନା ଆଦାୟ କରିଥିଲେ । ମୋଟ ୨୨ଟି ବାଇକ୍ ଆରୋହୀଙ୍କଠାରୁ ୪ ହଜାର ୪ ଶହ ଟଙ୍କା ଆଦାୟ କରିଥିଲେ ।

### କଂଗ୍ରେସ କମିଟି ଗଠନ

ଟିକିରି,୧୫।୯(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଶଙ୍କରଡ଼ା ପଞ୍ଚାୟତରେ ଗତ ଶୁକ୍ରବାର କଂଗ୍ରେସର ଏକ ନୂତନ କମିଟି ଗଠନ କରାଯାଇଛି । ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବଭିନ୍ନ ପଞ୍ଚାୟତରେ କର୍ମକର୍ତ୍ତା ଚୟନ କରାଯାଉଛି । ଶଙ୍କରଡ଼ା ପଞ୍ଚାୟତରେ ନୂତନ କଂଗ୍ରେସ କମିଟି ଗଠନ କରାଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି ମକରନ୍ଦ ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଜିଲା ପରିଷଦ ଜୋନ ସଭାପତି ସାଧୁଚରଣ ମାଝି ମୁଖ୍ୟବକ୍ତା,ପ୍ରକାଶ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନରେନ୍ଦ୍ର ନାୟକ ସଭାପତି, ବାମନ ମାଝି ଉପସଭାପତି,ପାଡୁ ମାଝି ସମ୍ପାଦକ,ବିକ୍ରମ ମାଝି କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି ।

### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗୁଣପୁର,୧୫।୯(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁରଠାରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗତ ୨୮ ତାରିଖରେ କଟକରେ ପୋଲିସ ଦ୍ୱାରା ଓକିଲଙ୍କୁ ମାଡ ପ୍ରତିବାଦ ଏବଂ ଦୋଷୀଙ୍କୁ ଗିରଫ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ୧୭ ତାରିଖରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏନେଇ ଓକିଲ ସଂଘର ଏକ ବୈଠକ ହୋଇ ଏହି ନିଷ୍ପତ୍ତି ନିଆଯାଇଥିଲା ।

### ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ

ଟିକିରି,୧୫।୯(ଡ଼ି.ଏନ.ଏ):ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିରେ ଗତ ଶୁକ୍ରବାର ବଣିକ ସଂଘ ତରଫରୁ ଗଣେଶପୂଜା ମଣ୍ଡପରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋରାପୁଟରୁ ଆସିଥିବା ହରଗୌରୀ ଦୃଷ୍ଟିହୀନ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା । ଏହାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା ।

### ବନ୍ଧରେ ବୁଡ଼ି ନାବାଳକ ମୃତ

ଗୁଣପୁର,୧୫।୯(ଡି.ଏନ.ଏ)-ଗଣେଶ ବିସର୍ଜନ ବେଳେ ପଦ୍ମପୁରରେ ଏକ ଅଘଟଣ ଘଟି ଯାଇଛି । ଶନିବାର ଜମରଗୁଡା ବନ୍ଧରେ ବୁଡ଼ି ଶିଶିର ସାହୁ(୭) ନାମକ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି । ପଦ୍ମପୁର ଦମକଳବାହିନୀ ଶିଶିରଙ୍କୁ ଉଦ୍ଧାର କରିବାସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅପରାହ୍ନରେ ଗଣେଶ ବିସର୍ଜନ କରାଯାଇଥିଲା । ଏହି ସମୟରେ ଦୁଇ ଜଣ ପିଲା ବୁଡି ଯାଇଥିଲେ । ଜଣେ ଉପରକୁ ଆସିଯାଇଥିବା ବେଳେ ଶିଶିର ବୁଡି ଯାଇଥିଲେ । ଏନେଇ ପଦ୍ମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ବାଇକ-ସାଇକେଲ ଧକ୍କା, ବାଳକ ଗୁରୁତର

ଗୁଣପୁର,୧୫।୯(ଡି.ଏନ.ଏ)-ରାୟଗଡା ଜିଲା ଗୁଣପୁର ସହର ଏସପିଗୁଡା ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ବାଇକ ଏବଂ ସାଇକେଲ ମଧରେ ଧକ୍କା ହୋଇଛି । ଫଳରେ ସାଇକେଲ ଚାଳକ ୫ମ ଶ୍ରେଣୀର ଛାତ୍ର ତପନ ଶବର ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।

### ବିଦେଶୀ ମଦ ଜବତ

ଗୁଣପୁର,୧୫।୯(ଡି.ଏନ.ଏ)-ରାୟଗଡା ଜିଲା ଗୁଣପୁର ନୂତନ ବସଷ୍ଟାଣ୍ଡ ଅଞ୍ଚଳରୁ ଶନିବାର ଜଣେ ଯାତ୍ରୀଙ୍କଠାରୁ ପୋଲିସ ବିଦେଶୀ ମଦ ଜବତ କରିଛି । ଏହି ଘଟଣାରେ ପୋଲିସ କେ.ତ୍ରିନାଥଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ୬ ଲିଟର ୬୦୦ ଗ୍ରାମ ବିଦେଶୀ ମଦ ଜବତ କରାଯାଇଛି । ସେବାଡିଲିରୁ ଗୁଣପୁରକୁ ମଦ ଧରି ଆସୁଥିବାବେଳେ ପୋଲିସ ହାତରେ ଧରା ପଡିଥିଲେ । ରବିବାର ତ୍ରିନାଥଙ୍କୁ କୋର୍ଟ ଚାଲାଣ କରାଯିବ ।

■ ମହୁମାଛି ଆକ୍ରମଣରେ ଛାତ୍ର ମୃତ୍ୟୁ ଘଟଣା

# ଜିଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

ରାୟଗଡା ଅଫିସ,୧୫।୯(ଡି.ଏନ୍.ଏ)

ରାୟଗଡା ବ୍ଲକ କାରୁବାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଗଣେଶ ପୂଜା ପାଇଁ ଆମ୍ବଡ଼ାଳ ଆଣିବାକୁ ଯାଇଥିବା ବେଳେ ମହୁ ମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ହୋଇଥିଲେ । ଘଟଣା ଘଟିବାର ୩ ଦିନ ପରେ ଶନିବାର ଜିଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା, ରାୟଗଡା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଓ୍ୱାଙ୍ଗାରାଇ ଶବର ଓ ଅନ୍ୟ କର୍ମଚାରୀମାନେ ପୂର୍ବାହ୍ନ ୧୧ଟାରେ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଘଟଣା ସମ୍ପର୍କରେ ପିଲାମାନଙ୍କଠାରୁ ପଚାରି ବୁଝିଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ



ଅଧିକାରୀମାନେ ଜଣେ ପିଲାଙ୍କୁ ପଚରାଉଚରା କରୁଛନ୍ତି ।

ବାରିହାଙ୍କୁ ପଚାରିବାରୁ, ମୁଁ ଛୁଟିରେ ଥିଲି । ଶନିବାର ପହଞ୍ଚି ବିଦ୍ୟାଳୟକୁ ଘଟଣାର ତଦନ୍ତ କରିବାକୁ ଯାଇଥିଲି । ଏ ସମ୍ପର୍କରେ ପ୍ରଧାନଶିକ୍ଷକ କିମ୍ବା ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ, ସିଆରସିସି , ଶିକ୍ଷା ବିଭାଗର କୌଣସି ଅଧିକାରୀଙ୍କୁ ଜଣାଇ ନାହାନ୍ତି । କିମ୍ବା ଆହତ ଛାତ୍ରମାନଙ୍କୁ ଚିକିତ୍ସା ନିମନ୍ତେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ନ ଥିଲେ । ଫଳରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା । ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀ ଜାନକୀ ଲତା ମହାପାତ୍ର, ଶିକ୍ଷକ ବାବୁଲା ଗରଡା ଓ ଶିକ୍ଷୟିତ୍ରୀ ଭାଗ୍ୟମତୀ ସାରକା ସ୍କୁଲକୁ ପ୍ରତିଦିନ ବିଳମ୍ବରେ ଆସୁଥିବା ଏବଂ ସ୍କୁଲ ଛୁଟି କରିବାର କିଛି ଘଣ୍ଟା ପୂର୍ବରୁ ଘରକୁ ପଳାଉଥିବା ନେଇ ଅଭିଯୋଗ ହୋଇଥିଲା । ସେମାନଙ୍କୁ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦେଇଛି । ତଦନ୍ତ ରିପୋର୍ଟ ଜିଲା ପ୍ରଶାସନକୁ ହସ୍ତଗତ କରିବା ପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଦିନେ ଦୁଇଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।



ଇଭିଏମକୁ ଯାଞ୍ଚ କରାଯାଉଛି ।

## କଡ଼ା ସୁରକ୍ଷାରେ ଇଭିଏମ୍ ଯାଞ୍ଚ

ରାୟଗଡା ଅଫିସ, ୧୫।୯

ଆଗାମୀ ନିର୍ବାଚନ ନିମନ୍ତେ ରାୟଗଡ଼ା ଜିଲାକୁ ଆସିଥିବା ଇଭିଏମକୁ କଡ଼ା ସୁରକ୍ଷା ମଧ୍ୟରେ ଯାଞ୍ଚ କରାଯାଇଛି । ଜିଲାପାଳ ଗୁହା ପୁନମ୍ ତାପସ କୁମାରଙ୍କ ତତ୍ତ୍ୱାବଧାନରେ ସରକାରୀ ଆଇଟିଆଇ କେନ୍ଦ୍ର ପରିସରରେ ଥିବା ଷ୍ଟ୍ରଙ୍ଗ ରୁମ୍‌ରେ ଗତ ୧୩ ତାରିଖରୁ ଯାଞ୍ଚ ଆରମ୍ଭ ହୋଇଛି। ଇସିଆରଏଲ୍ କମ୍ପାନୀ ତରଫରୁ ୬ ଜଣ ଆସି ଏହାକୁ ଯାଞ୍ଚ କରୁଛନ୍ତି । ଆସନ୍ତା ନିର୍ବାଚନରେ ଭିଭି ପ୍ୟାଡର ବ୍ୟବହାର ହେବାକୁ ଥିବାରୁ ଜିଲାକୁ ଆସିଥିବା ବାଲାନ୍ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଓ ଭିଭି ପ୍ୟାଡର କାର୍ଯ୍ୟକାରିତା ଉପରେ ତନଖି କରାଯାଇଛି । ଗତ ୧ ତାରିଖରେ ଉତ୍ତର ପ୍ରଦେଶ ରାଜ୍ୟର ଇଟାଓ୍ୱା, ଆହୁରେୟା, କାନପୁରନଗର ଜିଲାରୁ ୩୧୦୩ଟି ବାଲାନ୍ ୟୁନିଟ୍, ୨୦୬୬ଟି କଣ୍ଟ୍ରୋଲ ୟୁନିଟ୍ ରାୟଗଡା ଜିଲାକୁ ଆସିଥିଲା । ସେଗୁଡିକୁ ଜିଲାର ଓ୍ୱେରହାଉସ୍ ଇଟିଏସ୍ ଇଭିଏମ୍ ଟ୍ରାକିଂ ସିଷ୍ଟମ ଜରିଆରେ ମୋବାଇଲ ଆପ୍ଲିକେସନ କରି ରଖାଯାଇଥିଲା । ସେଥିମଧ୍ୟରୁ କୋରାପୁଟ ଜିଲାକୁ ୫୩୭ ଓ ମାଲକାନଗିରିକୁ ୩୯୬ଟି ମୋଟ ୯୩୩ଟି ପଠାଯାଇଥିବା ଜିଲା ନିର୍ବାଚନ ଅଧିକାରୀ ତଥା ସହକାରୀ ଜିଲାପାଳ ନାରାୟଣ ମିଶ୍ର କହିଛନ୍ତି । ଏତଦ୍ ବ୍ୟତୀତ ଶୁକ୍ରବାର ସନ୍ଧ୍ୟାରେ ୬୦(ଭିଭିଏପିଟି) ଭେରିଫାଇ ଅଣ୍ଟିନ୍ ପେପର ଟ୍ରାଏ କଳାହାଣ୍ଡି ଜିଲାରୁ ରାୟଗଡା ଅଣାଯାଇଛି । ରାୟଗଡା ଅତିରିକ୍ତ ଜିଲାପଳ ସୁଧାକର ଶବର, ରାୟଗଡା ଉପ ଜିଲାପାଳ ପ୍ରବୀର କୁମାର ନାୟକ, ରାୟଗଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି, ସହକାରୀ ଜିଲାପାଳ ଶିବ ପ୍ରସାଦ ପାଣିଗ୍ରାହୀ, ଦେବାଶିଷ କର, ଜିଲା ନିର୍ବାଚନ ଅଧିକାରୀ ତଥା ସହକାରୀ ଜିଲାପାଳ ନାରାୟଣ ମିଶ୍ର, ଜିଲା ଟ୍ରେଜେରିର ମୁଖ୍ୟ କିରାଣି ଗଗନ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷକ ଗୋଟି କଣ୍ଟ୍ରାକ୍ଟର ୟୁନିଟ୍‌କୁ ଓହ୍ଲାଯାଇ ଷ୍ଟ୍ରଙ୍ଗ ରୁମ୍‌କୁ ନିଆଯାଇଥିଲ । କଣ୍ଟ୍ରୋଲ ୟୁନିଟ୍ ଗୁଡିକ ଗାଡିରୁ ଓହ୍ଲାଇବା ସମୟରେ ବିଜୁ ଜନତା ଦଳର ଜିଲା ଉପ ସଭାପତି ବି. ତିରୁପତି, କଂଗ୍ରେସ ଦଳ ପକ୍ଷରୁ ବିଭିଷଣ ପାଣି, ଭାଜପାରୁ ବଂଶୀଧର ପଣ୍ଡା ଓ ବିଏସ୍‌ପିରୁ ଭାସ୍କର ମୁନୁକା ପ୍ରମୁଖ ଉପସ୍ଥିତ ଥିଲେ । ଶୁକ୍ରବାର ସୁଦ୍ଧା ମୋଟ ୧୭୦ଟି ବାଲାନ୍ ୟୁନିଟ୍ ଯାଞ୍ଚ କରାଯାଇଛି । ସେଥିମଧ୍ୟରୁ ୪ଟି କାର୍ଯ୍ୟକ୍ଷମ ନ ଥିବା ସହକାରୀ ଜିଲାପାଳ ନାରାୟଣ ମିଶ୍ର ପ୍ରକାଶ କରିଛନ୍ତି। ଏଥିନିମନ୍ତେ ଷ୍ଟ୍ରଙ୍ଗ ରୁମ୍ ନିକଟରେ ସିସିଟିଭି କ୍ୟାମେରା, ଓ୍ୱେର କାଷ୍ଟିଂ, ମେଟାଲ ଡିଟେକ୍ଟର ଦ୍ୱାର, ଭିଡିଓ ଗ୍ରାଫିଂ କରାଯାଇଛି। ବହୁ ପୋଲିସ ଅଧିକାରୀଙ୍କ ସମେତ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ରାୟଗଡ଼ା ଅଫିସ,୧୫।୯

ରାଫେଲ ଦୁର୍ନୀତିକୁ ନେଇ ଶନିବାର ରାୟଗଡ଼ା ଜିଲା କଂଗ୍ରେସ କମିଟି ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କର୍ମୀ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ଦେବା ପାଇଁ ଅଡ଼ି ବସିଥିଲେ। ଦୀର୍ଘସମୟ ଧରି ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା । ସ୍ମାରକପତ୍ର ଦେବାରେ ବିଳମ୍ବ ହେବାରୁ ଉତ୍ତେଜନା ଦେଖାଦେଇଥିଲା । କର୍ମୀମାନେ ଉତ୍ତ୍ୟକ୍ତ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଧସେଇ ପଶିଥିଲେ । ପରେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରସରକାରଙ୍କର ରାଫେଲ ଦୁର୍ନୀତି ସବୁଠାରୁ ବଡ଼ ଦୁର୍ନୀତି । ଭାଜପା ସରକାର ରାଜକୋଷକୁ ୪୧ ହଜାର ୨୦୫ କୋଟି ଟଙ୍କା କ୍ଷତି ପହଞ୍ଚାଇଛନ୍ତି। ଏହି ଦୁର୍ନୀତିକୁ ନେଇ ସଂସଦୀୟ କମିଟି ଗଠନ କରିବା ପାଇଁ କଂଗ୍ରେସ ଦଳ ଦାବି କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ଏଡ଼ାଇ ଦେଇଥିଲେ । ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗ, ଉପାଧ୍ୟକ୍ଷ ବୀଣାପାଣି ସାହୁକାର,ପିସିସି ସାଧାରଣ ସମ୍ପାଦକ ଆପଲ ସ୍ୱାମୀ କାଡ୍ରାକା, ପୂର୍ଣ୍ଣଚନ୍ଦ୍ର ମାଝି, ସୁନୀଲ ଚନ୍ଦ୍ର ପଣ୍ଡା, ସମ୍ପାଦକ ଶଙ୍କର୍ଷଣ ମଙ୍ଗରାଜ, ବରିଷ୍ଠ ନେତା ମକରନ୍ଦ ମୁଦୁଲିକ, ଜିଲା ପରିଷଦ ସଭ୍ୟ ନନ୍ଦ କିଶୋର ଚୌଧୁରୀ,ରାଓ୍ୱଲା ମାଝିଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ, କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ ।

## ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ଅମ୍ବାଦୋଳା,୧୫।୯(ଡ଼ି.ଏନ.ଏ)

ଦୁର୍ଗାପୂଜା ନେଇ ପ୍ରସ୍ତୁତି ବୈଠକ ଶନିବାର ମୁନିଗୁଡା ପଞ୍ଚାୟତସମିତି ଅନ୍ତର୍ଗତ ଅମ୍ବାଦୋଳା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ପୁରୋହିତ କୈଳାସ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦୁର୍ଗାପୂଜା ନିମନ୍ତେ କମିଟି ଚୟନ କରାଯାଇଥିଲା । ସଭାପତି ଭାବେ ଇନ୍ଦିରା ପାତ୍ର, ଉପସଭାପତି ସୀମାଞ୍ଚଳ ରଣା, ଜି. ସୁରିୟାରାଓ, ସୀମାଞ୍ଚଳ ପାତ୍ର, ବିଷ୍ଣୁ ସାହୁ, ସନ୍ତୋଷ ନାୟକ, ଲକ୍ଷ୍ମଣ ତାମରା, ସାଧାରଣ ସମ୍ପାଦକ ଏ.ଜଗନ୍ନାଥ ଆଚାରି, ଦେବୀପ୍ରସାଦ ମୁଖାର୍ଜୀ, ସହସମ୍ପାଦକ ଭାବେ ବେଣୁଧର ଖସଲା, ଅଶୋକ ମେହେର, ଦଇତାରି ନାୟକ, କୋଷାଧକ୍ଷ ଭାବେ ଶ୍ରୀଧର ସାହୁ ମନୋନୀତ ହୋଇଛନ୍ତି । ସେହିପରି ଉପଦେଷ୍ଟାମଣ୍ଡଳୀ ଭାବେ ଲକ୍ଷ୍ମଣ ତାମରା, କୈଳାସ ମିଶ୍ର, ଜଗମନ ପୁଞ୍ଜି, ବିପିନ ବିହାରୀ କର, ତ୍ରିପତି ମିର୍ଦ୍ଧା, ଅକ୍ଷୟ ରଥ, ବିଜୟ କୁମାର ମିଶ୍ର, ରଘୁନାଥ ବେହେରା, ବିରାଟ ବେହେରା, ଜି.ମୁରଲି ମୋହନଙ୍କୁ ଚୟନ କରାଯାଇଥିଲା। ଆସନ୍ତା ୧୯ତାରିଖରେ ଶୁଭଖୁଣ୍ଟି ସ୍ଥାପନ କରାଯିବ। ବୈଠକରେ ଆରତ ପଣ୍ଡା, ଭି. ସୁରେଶ, ଜି.ଜାନୁ, ପରମେଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଗୁଣପୁର,୧୫।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ମହର୍ଷି ଗୁରୁକୂଳ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ସନ୍ତୋଷ କୁମାର ଗୁରୁ, ସଂପାଦକ ରାଜେଶ କୁମାର ପଣ୍ଡା, ଫାଇନାନ୍ସ ଡାଇରେକ୍ଟର ଲୋକନାଥ ମିଶ୍ର, ଟ୍ରଷ୍ଟ ସଭ୍ୟା ପୁଷ୍ପା ଶତପଥୀ, ସଭ୍ୟା ପ୍ରଦୀପ କୁମାର ଶତପଥୀ ଏବଂ କଲେଜ ପ୍ରିନ୍ସପାଲ ପ୍ରିୟବ୍ରତ ବିଶୋୟୀ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାର ଶୁଭ କାମନା ଜଣାଇବା ସହ ଭଲ ପାଠ ପଢି ସୁନାମ ଅର୍ଜନ କରିବାକୁ ଆହ୍ୱାନ କରିଥିଲେ । କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆମ ପୋଲିସ ସମିତି ବୈଠକ

ମୁନିଗୁଡା, ୧୫।୯(ଡି.ଏନଏ.)

ରାୟଗଡ଼ା ଜିଲା ମୁନିଗୁଡା ଥାନା ପରିସରରେ ଶନିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଭାରପ୍ରାପ୍ତ ଅଧିକାରୀ ଯଶବନ୍ତ ହିଆଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧରେ ସୁସମ୍ପର୍କ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ତଥା ଅପରାଧ ଦୂର କ୍ଷେତ୍ରରେ ଲୋକେ ପୋଲିସକୁ ସହଯୋଗ କରିବା ଉଚିତ ବୋଲି ସେ କହିଥିଲେ। ଥାନା ମହିଳା ସେଲ ଏସ୍‌ଆଇ ଶ୍ୱେତପଦ୍ମା ସେଠ ସମାଜରେ ନାରୀ ନିର୍ଯାତନା, ମହିଳା ଓ ଶିଶୁ ଚାଲାଣ ରୋକାଯିବା ସହ ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ନେଇ ସଚେତନତା ସୃଷ୍ଟି ଜରୁରୀ ବୋଲି କହିଥିଲେ। ଏସ୍‌ଆଇ ତପନ କୁମାର ମାହାଲି ଅନ୍ଧବିଶ୍ୱାସ ଓ ଗୁଣିଗାରେଡି ଦୂର ଉପରେ ଆଲୋକପାତ କରିବା ସହ ବିଭିନ୍ନ ନିୟମ ସମ୍ପର୍କରେ ବୁଝାଇଥିଲେ। ପୋଲିସ ତରଫରୁ କରାଯାଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ଗାଡ଼ି ଚଳାଇବା ବେଳେ ଟ୍ରାଫିକ କିପରି ନିୟନ୍ତ୍ରଣ କରାଯିବ ଓ ଟ୍ରାଫିକ ନିୟମ ଉପରେ ଆଧାରିତ ଏକ ଭିଡ଼ିଓ ଚିତ୍ର ପ୍ରଦର୍ଶନୀ କରାଯାଇଥିଲା । ମୁନିଗୁଡା ଅବସରପ୍ରାପ୍ତ ସରକାରୀ କର୍ମଚାର ସଂଘର ବ୍ରହ୍ମାନନ୍ଦ ଆଚାରୀ, ଶିକ୍ଷାବିତ ଦେବେନ୍ଦ୍ର ବେହେରା, କରୁଣାକର ସାମଲ ପ୍ରମୁଖ ବିଭିନ୍ନ ବିଷୟରେ ଅଭିଯୋଗ ଆଣି ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଏସଆଇ ରିଗାନ କିଣ୍ଡଲ ପୁରୁଷୋତ୍ତମ ଜାନି, କନଷ୍ଟେବଳ କୃତିବାସ ସାହୁ, ହାବିଲଦାର ଶ୍ରୀନିବାସ ଦଳାଇ, ମୁନିଗୁଡ଼ାର ବିଦ୍ୟାଧର ଦାସ, ଜାମ୍‌ଖେର ଖାନ୍, ଅବଦୁଲ ସୁକୁର, ଶେଖ ହବିବଙ୍କ ସମେତ ବିଭିନ୍ନ କ୍ଲବ ଓ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ମନୋରଞ୍ଜନ ଦଳାଇ ଧନ୍ୟବାଦ ଦେଇଥିଲେ ।




ବୈଠକରେ ଉପସ୍ଥିତ ଅତିଥି ।



ମୁନିଗୁଡ଼ାର ଶୁଣ୍ଡିସାହି, ଫ୍ରେଣ୍ଡସ କ୍ଲବ ଓ ଗଣେଶ ନଗରରେ ପୂଜା ପାଉଥିବା ଗଣେଶ ମୂର୍ତ୍ତି।

## ୫ ଦିନ ହେଲା ବିଦ୍ୟାଳୟରେ ତାଲା

ଜେକେପୁର, ୧୫।୯(ଡ଼ି.ଏନ.ଏ)

କୋଲନରା ବ୍ଲକ ଦୁନ୍ଦୁଲି ପଞ୍ଚାୟତ ସରାବୁ ପିତେଷୁ ଗ୍ରାମରେ ରହିଛି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏହି ବିଦ୍ୟାଳୟ ସବୁବେଳେ ବିବାଦ ଘେରରେ ରହିଆସିଛି। ଦୀର୍ଘ ୫ ଦିନ ହେଲାଣି ବିଦ୍ୟାଳୟରେ ତାଲା ପଡ଼ିଛି । ଫଳରେ ପାଠପଢା ବାଧାପ୍ରାପ୍ତ ହୋଇଛି । ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଓ ପାଇଖାନା କାମ ସରୁ ନ ଥିବାରୁ ଗ୍ରାମବାସୀ ତାଲା ପକାଇଥିବା ଜଣାଯାଇଛି । ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ବିଦ୍ୟାଳୟର ନୂତନ ଅତିରିକ୍ତ ଶ୍ରେଣୀଗୃହ ଓ ପାଇଖାନା କାମ ମନ୍ଥର ଗତିରେ ଚାଲିଛି। ଏହାକୁ ତୁରନ୍ତ ଶେଷ କରିବା ଗ୍ରାମବାସୀ ବାରମ୍ବାର ଜଣାଇଲେ ମଧ୍ୟ ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟରୁ କେବଳ ପ୍ରତିଶ୍ରୁତି ମିଳିଥିଲା । ତେଣୁ ଗ୍ରାମବାସୀ ଗତ ୯ତାରିଖରୁ ବିଦ୍ୟାଳୟରେ ତାଲା ପକାଇ ରଖିଛନ୍ତି । ତୁରନ୍ତ ଏହାର ସମାଧାନ କରିବା ନେଇ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ବାରିକଙ୍କୁ ପଚାରିବାରୁ, ଗ୍ରାମବାସୀଙ୍କୁ ବହୁତ ବୁଝାଇଲା ପରେ ବି କୌଣସି ସୁଫଳ ମିଳିନାହିଁ। ଘଟଣା ବିଷୟରେ ଚିଠି ସଂଖ୍ୟା ୩୬/୧୮ରେ ଡିପିସିଙ୍କୁ ମଧ ଜଣାଇଛନ୍ତି ବୋଲି କହିଛନ୍ତି । ଡିପିସି ସନ୍ତୋଷଜନକ ଉତ୍ତର ନ ଦେଇ ଓଲଟି ଆମକୁ ତାଗିଦ କରିଥିବାରୁ ଲୋକମାନେ ବାଧ ହୋଇ ତାଲା ପକାଇଛନ୍ତି । ନିଜେ ଜିଲାପାଳ ଆସି



ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି ।

### ପାଠପଢା ବାଧାପ୍ରାପ୍ତ

ଏହି ଘଟଣାର ସମାଧାନ କରନ୍ତୁ ବୋଲି ପରିଚାଳନା ସମିତି ସଭାପତି ଲିଙ୍ଗରାଜ ପେଜେଣ୍ଟି କହିଛନ୍ତି । କୋଲନରା ବିଇଓଙ୍କୁ ପଚାରିବାରୁ, ମୁଁ ସଂପୃକ୍ତ ଏବିଇଓଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି ବୋଲି କହିଥିଲେ । ଡିପିସି ଆନାଷ୍ଟେସିଆ କେରକେଟାଙ୍କୁ ପଚାରିବାରୁ, ଶୀଘ୍ର କାମ ଶେଷ କରିବାକୁ ଜେଇ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି। ଜେଇ ଦୀପକ ସ୍ୱାଇଁ ଓ ଏଇ ସଞ୍ଜୀବ ପାଢୀ କହିଛନ୍ତି କାମ ଆରମ୍ଭ ପାଇଁ ବାଲି ପଡିଛି । ଅତିଶୀଘ୍ର କାମ ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅଧାପନ୍ତରିଆ କୋଠା ନିର୍ମାଣରେ ବ୍ୟାପକ ଆର୍ଥିକ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ପୂର୍ବରୁ ୨ ଥର ତାଲା ପକାଯାଇଛି।